
ଧରିତ୍ରୀ
DHARITRI

July 10-16, 2022 ₹ 2/-



# ଓ ସୁନାବେଶ

ମହାପ୍ରଭୁ ଶ୍ରୀଜଗନ୍ନାଥ। ରାଜାଧିରାଜ ସେ କାଳିଆ ସାଆନ୍ତ। ସମନ୍ୱିତ ସାଂସ୍କୃତିକ ପରମ୍ପରାର ଶ୍ରେଷ୍ଠ ନିଦର୍ଶନ। ଅପୂର୍ବ ତାଙ୍କର ମାନବୀୟ ଲୀଳା। ପ୍ରତ୍ୟେକ ଲୀଳାର ଅନ୍ତରାଳେ ନିହିତ ଥାଏ ମଙ୍ଗଳ କାମନା। ସେଥିପାଇଁ ଦାରୁଦିଅଁଙ୍କ ନୀତିକାନ୍ତି, ଭୋଗ, ବେଶ ସବୁକିଛି ମହିମାମଣ୍ଡିତ। ପୁଣି ବେଶ ମଧ୍ୟରେ ଅନନ୍ୟ ବିଶ୍ୱନିୟନ୍ତାଙ୍କ ସୁନାବେଶ। ବର୍ଷକୁ ରତ୍ନ ସିଂହାସନରେ ୪ଥର ଆଉ ଥରେ ଭାଇ ଭଉଣୀଙ୍କ ସହ ରଥରେ ସ୍ୱର୍ଣ୍ଣ ଅଳଙ୍କାରରେ ସଜେଇ ହୁଅନ୍ତି କାଳିଆ ଠାକୁର...

# କେତୋଟି ଉପଯୋଗୀ ବାସ୍ତୁ ଟିପ୍ସ

✲ ଧନ ଓ ସମୃଦ୍ଧିର ଦେବତା କୁବେର ହେଲେ ଉତ୍ତର ଦିଗର ସ୍ୱାମୀ । ସେଥିପାଇଁ ଘରର ଆଲମିରା ବା ଟ୍ରେଜେରିକୁ ଏହି ଦିଗରେ ରଖିଲେ ଘରେ କେବେ ବି ଧନର ଅଭାବ ଦେଖାଯାଇ ନ ଥାଏ ।

✲ ସେହିପରି ଘରେ ରାହୁ ଦୋଷ ଥିଲେ ମୟୂର ପୁଚ୍ଛକୁ ଘରର



ପୂର୍ବ କିମ୍ବା ଉତ୍ତର ଦିଗ କବାଟରେ ଲଗାଇଲେ ଶୁଭ ହୋଇଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି ।

✲ କୁହାଯାଏ, ଠାକୁର ଘର କାନ୍ଥରେ ସିନ୍ଦୂରରେ ଓଁ ଏବଂ ସ୍ୱସ୍ତିକ ଚିହ୍ନ କରିବା ଶୁଭ ଲକ୍ଷଣ ହୋଇଥାଏ ।

✲ ଅନ୍ୟପକ୍ଷେ ଘରର ମୁଖ୍ୟ ଦ୍ୱାରରେ ସିନ୍ଦୂରରେ ସ୍ୱସ୍ତିକ ଚିହ୍ନ କରି ଆମ୍ବଡାଳ ବାନ୍ଧିଲେ ଘରେ ସକାରାତ୍ମକ ଉର୍ଜା ଉତ୍ପନ୍ନ ହେବା ସହ ପ୍ରଭୁକୃପା ଲାଭ ହୋଇଥାଏ ବୋଲି ବିଶ୍ୱାସ କରାଯାଏ ।

✲ ଅନେକ ସମୟରେ ଦେଖାଯାଏ, କିଛି ବାସ୍ତୁଦୋଷ ଥିଲେ ଘରେ ସର୍ବଦା କଳହ ଲାଗିବା ସହ ଅଭାବ ଦେଖାଯାଇଥାଏ । ଏପରି ସ୍ଥଳେ କାଚଗିନାରେ କିଛି ଲୁଣ ନେଇ ଗାଧୁଆ ଘରେ ରଖିଦେଲେ କ୍ରମେ ବାସ୍ତୁଦୋଷ ଆପେ ଆପେ ସମାଧାନ ହୋଇଯାଏ ବୋଲି ବିଶ୍ୱାସ ରହିଛି ।

✲ ଘରେ ଗୋଟିଏ ରେଖାରେ ତିନୋଟି କବାଟ ରହିବା ଶୁଭଙ୍କର ନୁହେଁ ବୋଲି ବାସ୍ତୁଶାସ୍ତ୍ର କହେ । ତେଣୁ ନୂଆଘର ତିଆରି କରିବାବେଳେ ଏଥିପ୍ରତି ଦୃଷ୍ଟି ଦେବା ଜରୁରୀ ହୋଇଥାଏ ।

# ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜୁଲାଇ ୧୦-୧୬

**ମେଷ**
କାର୍ଯ୍ୟରେ ସଫଳତା, କାରବାରରେ ଉନ୍ନତି, ଅର୍ଥପ୍ରାପ୍ତିରୁ ଆନନ୍ଦ, ବନ୍ଧୁ ଦୋଷ ଖୋଜିବେ, ଦୂରଯାତ୍ରା ପାଇଁ ପ୍ରସ୍ତୁତି, ଲୋକସମ୍ପର୍କ ବୃଦ୍ଧି, ମନ ପ୍ରଫୁଲ୍ଲ ରହିବ । ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ, ଶାରୀରିକ ସୁସ୍ଥତା, ଶତ୍ରୁ ଉପଦ୍ରବ ହ୍ରାସ, ମିତ୍ରତା ସୃଷ୍ଟି କରିବେ ।

**ବୃଷ**
ପରିବାରରେ କଳହ, ବନ୍ଧୁଙ୍କ ନିମନ୍ତ୍ରଣ, ସୌଖୀନ ଦ୍ରବ୍ୟ କ୍ରୟ, ଜମିଜମା ବିବାଦ, ବନ୍ଧୁଙ୍କ ପରାମର୍ଶ, ଭ୍ରାତୃ ବିବାଦ, କାରବାରରୁ ଲାଭ, ଆନୁଷ୍ଠାନିକ ପ୍ରଶଂସା, ବ୍ୟୟ ବୃଦ୍ଧି, ପ୍ରିୟବନ୍ଧୁଙ୍କ ସାନ୍ନିଧ୍ୟ, ବସ୍ତ୍ରଭୂଷଣ ପ୍ରାପ୍ତି ।

**ମିଥୁନ**
କର୍ମକ୍ଷେତ୍ରରେ ବିଶୃଙ୍ଖଳା, ରୁଗ୍ଣ ସ୍ୱାସ୍ଥ୍ୟରେ ଉନ୍ନତି, ବନ୍ଧୁଙ୍କ ସାହାଯ୍ୟ ପ୍ରତିଶ୍ରୁତି, ସମ୍ପର୍କ ଯୋଡିବେ, ଭ୍ରମଣହେତୁକ କ୍ଲାନ୍ତି, ଅବହେଳାରୁ ଅନୁତାପ, ଆଶାବାଦୀ ହେବେ, କଳା, କ୍ରୀଡାରେ ଉନ୍ନତି, ମାଙ୍ଗଳିକ କାର୍ଯ୍ୟାରମ୍ଭ ।

**କର୍କଟ**
ମାନସିକ ଅସ୍ଥିରତା, ଭୁଲ୍ କାମରୁ ଅନୁତାପ, ଅନିଦ୍ରାଜନିତ ପୀଡା, ଭ୍ରାତୃବର୍ଗରେ ଅଶାନ୍ତି, କାର୍ଯ୍ୟସାଧନରେ ବିଳମ୍ବ, ସହଯୋଗ ପାଇବେନି, ଧାରକରଜ କରିବେ, ପ୍ରକାଶନରେ ବିଳମ୍ବ ॥

**ସିଂହ**
ଲକ୍ଷ୍ୟସ୍ଥଳକୁ ଯିବେ, ବିଶୃଙ୍ଖଳାର ତୀବ୍ରତା, ନୀରବଦ୍ରଷ୍ଟା ସାଜିବେ, ମିଥ୍ୟାଭିଯୋଗ, ଭୁଲ ବୁଝାମଣାରୁ ତିକ୍ତତା, ଶ୍ରମଜନିତ କ୍ଲାନ୍ତି, ଧର୍ମକାର୍ଯ୍ୟ ପାଇଁ ପ୍ରେରଣା, କରଜଦାତାଙ୍କ ଚାପ, ବନ୍ଧୁଙ୍କୁ ମିଶିବେ, ପ୍ରତିଶ୍ରୁତିରୁ ଓହରିଯିବେ, ଏଜେନ୍ସିପ୍ ବଢିବ ॥

**କନ୍ୟା**
ବନ୍ଧୁଙ୍କ ସଦ୍‌ଭାବ, କାମ ଅଟକିବ ନାହିଁ, ଅଧ୍ୟାପନାରେ ଉନ୍ନତି, ଉଚ୍ଚସମ୍ମାନ, ଲକ୍ଷ୍ୟପୂରଣ ହେବ, ପଡୋଶୀଙ୍କ କଳହ, ଦୁର୍ଭାବନା ବୃଦ୍ଧି, ବାଣିଜ୍ୟରେ ପ୍ରତିବନ୍ଧକ, ଦୂରଯାତ୍ରା, ଆତ୍ମୀୟଙ୍କ ଅସହଯୋଗ, ଧନହାନୀରୁ ମନସ୍ତାପ ॥

**ତୁଳା**
ମାନସିକ ସ୍ଥିରତା, ଦ୍ୱନ୍ଦ୍ୱର ଅବସାନ, ବ୍ୟବସାୟିକ ସଫଳତା, ଲୋକସମ୍ପର୍କ ବୃଦ୍ଧି, ଫଳପ୍ରଦ ଆଲୋଚନା, ବିତର୍କ ସୃଷ୍ଟି, ଅପ୍ରିୟସତ୍ୟରୁ ବିବାଦ, ବନ୍ଧୁଙ୍କ ଅସହଯୋଗ, ସମ୍ପର୍କ ହାନି, ମକଦ୍ଦମାରୁ ଦୁଃଶ୍ଚିନ୍ତା, ପରିସ୍ଥିତିର ମୁକାବିଲା ॥

**ବିଛା**
ସୁଯୋଗ ହାତଛଡା ହେବ, ବ୍ୟୟାଧିକ୍ୟରୁ ଅଶାନ୍ତି, ପାରିବାରିକ ସମସ୍ୟା, ଆର୍ଥିକ ଅନଟନ ପରିସ୍ଥିତି ବିଗିଡିବ, କର୍ମମୁଖର ହେବେ, ପଦମର୍ଯ୍ୟାଦା ବୃଦ୍ଧି, ଯାତ୍ରାରେ ସଫଳତା, ଯୁକ୍ତିତର୍କରୁ କଳହ, ଗବେଷଣାରେ ଅଗ୍ରଗତି ॥

**ଧନୁ**
ସ୍ୱାସ୍ଥ୍ୟୋନ୍ନତି, ଯୋଜନାବଦ୍ଧ କାମ, ବନ୍ଧୁଙ୍କ ସାହାଯ୍ୟ, ଭ୍ରମଣ ସୁଯୋଗ, କାର୍ଯ୍ୟସିଦ୍ଧି, ପରିବାରର ସମର୍ଥନ, ସମସ୍ୟା ସୁଧାରି ନେବେ, ମନୋରଞ୍ଜନ କାର୍ଯ୍ୟକ୍ରମ, ଟେନସନ୍ ବଢିଯିବ, ଅମୂଳକ ଆଶଙ୍କା ॥

**ମକର**
ମାନସିକ ଅସ୍ଥିରତା, ସମ୍ପର୍କହାନୀ, ବନ୍ଧୁଙ୍କ ଭୁଲ୍ ବୁଝାମଣା, ଲଘୁକ୍ରୋଧ କରିବେ, ରାଜନୈତିକ ପ୍ରତିଷ୍ଠା, ପ୍ରଶାସନିକ ଅସ୍ଥିରତା, ଅପମାନିତ ହୋଇପାରନ୍ତି, ନୀଚ ସଂସର୍ଗରୁ ନିନ୍ଦା ॥

**କୁମ୍ଭ**
ବିବାଦୀୟ ପରିସ୍ଥିତି, ଆର୍ଥିକ ଅବନ୍ନତି, ଯାତ୍ରାସ୍ଥଗିତ ରହିବ, ଅନ୍ୟଦ୍ୱାରା ପ୍ରଭାବିତ, ପ୍ରତୀକ୍ଷିତ ଖବରପ୍ରାପ୍ତି, ବୃଥା ସନ୍ଦେହରୁ ଅଶାନ୍ତି, ବ୍ୟବହାରିକ କୁଶଳତା, ଡାକ୍ତରଙ୍କ ପରାମର୍ଶ, ନୂତନ କାର୍ଯ୍ୟ, ମିତ୍ରତା ସୃଷ୍ଟି, ପିଠି ଥାପୁଡେଇ କାମ, ରୋଗପୀଡା ବୃଦ୍ଧି ॥

**ମୀନ**
ମାନସିକ ଦୁଃଶ୍ଚିନ୍ତା, ଆର୍ଥିକ ଅନଟନ, ଆତ୍ମୀୟସ୍ୱଜନଙ୍କ ପାଇଁ ଚିନ୍ତା, ବିପଦମୁକ୍ତ ହେବେ, ସତ୍ୟକଥାରେ ବିରୋଧ, ଭ୍ରମଣରୁ କାର୍ଯ୍ୟସିଦ୍ଧି, ବନ୍ଧୁ ପ୍ରସ୍ତାବ ଆସିବ, ଶିଳ୍ପବାଣିଜ୍ୟରେ ଉନ୍ନତି, ପ୍ରାପ୍ୟଧନରେ ବାଧା, ବୃତ୍ତିଗତ ବିଶୃଙ୍ଖଳା ॥

# ଖଟ ତଳେ କ'ଣ ରଖିବେ ନାହିଁ

**ବା**ସ୍ତୁଶାସ୍ତ୍ର ଅନୁଯାୟୀ, ଖଟ ତଳେ ଭୁଲ୍‌ରେ ବି କେବେ ଲୁହାର କୌଣସି ଜିନିଷ କିମ୍ବା ଝାଡୁ ରଖିବା ଉଚିତ୍ ନୁହେଁ । କାରଣ ଏହାଦ୍ୱାରା କୁଆଡ଼େ ଘରେ ବାସ୍ତୁଦୋଷ ଉପୁଜିଥାଏ ବୋଲି ବିଶ୍ୱାସ କରାଯାଏ । ତା'ସହିତ ପରିବାର ସଦସ୍ୟଙ୍କ ମନ ଓ ମସ୍ତିଷ୍କ ଉପରେ ବି ଏହା ନକାରାତ୍ମକ ପ୍ରଭାବ ପକାଇଥାଏ । ଆର୍ଥିକ ସମସ୍ୟା ଦେଖାଯାଇଥାଏ । କେବଳ ସେତିକି ନୁହେଁ, ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଉପରେ ବି ଏହା କୁପ୍ରଭାବ ପକାଇଥାଏ । ସେହିପରି ପୁରୁଣା କିମ୍ବା ଚିରି ଯାଇଥିବା କପଡ଼ାର ଗଣ୍ଠିଲିକୁ ଖଟତଳେ ରଖିବା ଆଦୌ ଶୁଭଙ୍କର ହୋଇ ନ ଥାଏ । କୁହାଯାଏ, ଏହା ଦ୍ୱାରା ଘରେ ନକାରାତ୍ମକ ଉର୍ଜା ଉତ୍ପନ୍ନ ହୋଇ ସୁଖଶାନ୍ତି ଦୂରେଇଯାଏ । ଅନ୍ୟପକ୍ଷେ କୌଣସି ପ୍ରକାରର ଇଲେକ୍ଟ୍ରୋନିକ୍ସ ଜିନିଷକୁ ବି ଖଟତଳେ ରଖିବା ଠିକ୍ ନୁହେଁ । ଏହା ଦ୍ୱାରା ଘରେ ଆର୍ଥିକ ସମସ୍ୟା ଦେଖାଯିବା ସହ ନିଦ ବି ଠିକ୍‌ରେ ହୁଏ ନାହିଁ ବୋଲି ବିଶ୍ୱାସ ରହିଛି ।



# ପାଠକୀୟ

✲ ମହାପ୍ରଭୁ ଶ୍ରୀଜଗନ୍ନାଥ । କାଳିଆ ସାଆନ୍ତ ସେ ବ୍ରହ୍ମାଣ୍ଡ ଠାକୁର । ଲୀଳାମୟ ନୀଳାଦ୍ରିନାଥ । ଅତି ଆପଣାର ସେ ଦାରୁଦେବତା । ସେ ଦିଅଁ ଯେପରି ଅନନ୍ୟ, ତାଙ୍କ ଲୀଳା ବି ସେପରି ଅନନ୍ୟ । ତେଣୁ ମହାପ୍ରଭୁଙ୍କ ଅନନ୍ୟ ଲୀଳାକୁ ନେଇ ସ୍ୱତନ୍ତ୍ର ଭାବେ ଉପସ୍ଥାପନା କରାଯାଇଥିବା ଏଥରର ପ୍ରଚ୍ଛଦ ପ୍ରସଙ୍ଗଟି ଖୁବ୍ ସୁନ୍ଦର ହୋଇଥିଲା । 'ଶଙ୍ଖର ବାସ୍ତୁ ମହତ୍ତ୍ୱ', 'ତୁଳସୀ ଗଛର ମାହାତ୍ମ୍ୟ' ନାମକ ପାଠରୁ ବହୁ ଅଜଣା କଥା ଜାଣିହେଲା ।

*–ସାଗର ଦାଶ, ଫୁଲନଖରା, କଟକ*

✲ ମହାପ୍ରଭୁଙ୍କ ଅନନ୍ୟ ଲୀଳା ମଧ୍ୟରୁ ଅନ୍ୟତମ ଶ୍ରୀମନ୍ଦିରରେ ପ୍ରଚଳିତ ପଟିଦିଅଁ ପରମ୍ପରା । ପ୍ରକୃତପକ୍ଷେ ଆଜି ବିଶ୍ୱକୁ ବିମୋହିତ କରୁଥିବା ପଟ୍ଟଚିତ୍ରର ଏହା ହିଁ ଆଧାର । ଶ୍ରୀମନ୍ଦିରରେ ମାହାରୀ ପରମ୍ପରାରୁ ଗୋଟିପୁଅ ନୃତ୍ୟ, ଗୋଟିପୁଅ ନୃତ୍ୟରୁ ବିକଶିତ ହୋଇ ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି ଓଡ଼ିଶୀ ନୃତ୍ୟ । ଠିକ୍ ସେହିପରି ଚିତ୍ରଶିଳ୍ପୀ ପ୍ରାକୃତିକ ରଙ୍ଗରେ ଉପାସନା ପାଇଁ ଯେଉଁ ପଟିଦିଅଁ ଆଙ୍କି ଦେଇଥିଲା, ତାହା କାଳକ୍ରମେ ପଟ୍ଟଚିତ୍ରରେ ପରିଣତ ହୋଇ ବିସ୍ମୟ ସୃଷ୍ଟି କରିଛି । ତେବେ ଯେଉଁ ପଟିଦିଅଁ ଚିତ୍ରରୁ ପଟ୍ଟଚିତ୍ରରେ ଆମେ ପହଞ୍ଚିଛେ, ସେହି ଚିତ୍ରରେ ଥିବା ଅନେକ ରହସ୍ୟ ବିଷୟରେ ଏଥରର ପ୍ରଚ୍ଛଦ ପ୍ରସଙ୍ଗରୁ ପଢି ବହୁ ଅଜଣା କଥା ଜାଣିହେଲା । ସୃଜନ ପୃଷ୍ଠାଟି ବି ଖୁବ୍ ହୃଦୟସ୍ପର୍ଶୀ ହୋଇଥିଲା ।

*–ରାମେଶ୍ୱରୀ ପ୍ରଧାନ, ପିପିଲି, ପୁରୀ*

✲ ବ୍ୟକ୍ତିତ୍ୱ ପୃଷ୍ଠାରୁ ପ୍ରାୟ ଦୁଇ ଦଶନ୍ଧି ଧରି ଶ୍ରୀମନ୍ଦିର ପ୍ରଶାସନରେ ସ୍ୱତନ୍ତ୍ର ପଦାଧିକାରୀ ତଥା ବରିଷ୍ଠ ଉପପ୍ରଶାସକ ରୂପେ କାର୍ଯ୍ୟ କରିଥିବା ଶ୍ରୀଜଗନ୍ନାଥ ସଂସ୍କୃତିର ଗବେଷକ, ପ୍ରାବନ୍ଧିକ ଡ. ଭାସ୍କର ମିଶ୍ରଙ୍କ ଅନେକ ରୋମାଞ୍ଚକଭରା ଅନୁଭୂତି ସମ୍ପର୍କରେ ଜାଣି ଖୁସି ଲାଗିଲା । ସେହିପରି ସିନେମା ପୃଷ୍ଠାରୁ 'ଚନ୍ଦନଙ୍କ ନୂଆ ଅବତାର', 'ଶ୍ରଦ୍ଧାଙ୍କ ସମୟାନୁବର୍ତ୍ତିତା' ତଥା 'ଜାହ୍ନବୀଙ୍କ କ'ଣ ରହିଛି ଟେନ୍‌ସନ୍' ଆଦି ବିଷୟ ସମ୍ପର୍କରେ ଜାଣିହେଲା ।

*–ସୁରେଶ ବଳବନ୍ତରାୟ, ବିଞ୍ଝାରପୁର, ଯାଜପୁର*

✲ ଶିକ୍ଷାବିତ୍ ତଥା କବି ଡ. ନନ୍ଦକିଶୋର ବିଶ୍ୱାଳଙ୍କ ପ୍ରଥମ ରୋଜଗାର ସମ୍ପର୍କିତ ଅନୁଭୂତିଟି ବେଶ୍ ମର୍ମସ୍ପର୍ଶୀ ହୋଇପାରିଥିଲା । ସେହିପରି ବନ୍ଧୁ ମହାନ୍ତିଙ୍କ ଗାଁ ସମ୍ପର୍କରେ ମଧ ଏଥରର ଛୁଟିଦିନରୁ ପଢି ବହୁ ଅଜଣା କଥା ଜାଣିହେଲା । ମଡେଲ୍ ମିରର୍‌ରେ ଦିବ୍ୟାଶ୍ରୀ ବେଶ୍ ସୁନ୍ଦରୀ ଲାଗୁଥିଲେ ।

*–ସ୍ୱପ୍ନାମୟୀ ପ୍ରଧାନ, ପାରାଦ୍ୱୀପ*

✲ ଓଡ଼ିଶା ବାହାରେ କେଉଁଠି କେଉଁଠି ଜଗନ୍ନାଥ ମନ୍ଦିର ରହିଛି, ସେ ସମ୍ପର୍କରେ ସହର ପୃଷ୍ଠାରୁ ପଢି ଖୁସି ଲାଗିଲା । ବିବିଧା ଓ ବ୍ୟାକ୍‌ପେଜ୍ ପୃଷ୍ଠା ବି ବେଶ୍ ରୋମାଞ୍ଚଭରା ତଥା ତଥ୍ୟପୂର୍ଣ୍ଣ ହୋଇଥିଲା । ଏପରି କି ଏଥରର ଚିନ୍ମୟ ଚିନ୍ତନ 'ଉଚ୍ଚ ବିଚାର କିନ୍ତୁ କାର୍ଯ୍ୟ ଶୂନ' ନାମକ ପାଠଟି ମଧ ବେଶ୍ ଶିକ୍ଷଣୀୟ ହୋଇପାରିଥିଲା ।

*–ବନ ମିଶ୍ର, ସୁନ୍ଦରଗଡ଼*

## ବିଶେଷ ଚିଠି



ପ୍ରଚ୍ଛଦରେ ଅନନ୍ୟ ଲୀଳା
ଭାରି ଚମତ୍କାର ହୋଇଥିଲା ।
ଦାରୁଦିଅଁଙ୍କ ସମ୍ପର୍କରେ ବହୁ
ଅଜଣା କଥା ସେ କହିଗଲା ।
ସତରେ ଭାରି ବଢ଼ିଆ ଥିଲା
ପୁଣି ତୁମ ସୃଜନ ଓ ସିନେମା
ତା' ସାଙ୍ଗକୁ ଆହୁରି ଆକର୍ଷକ ଲାଗୁଥିଲା
ବିବିଧା ଓ ବ୍ୟାକ୍‌ପେଜ୍‌ର ଦୁନିଆ ।
ହେ ମୋର ପ୍ରିୟ ଛୁଟିଦିନ
ସତରେ ତୁମେ ଅନନ୍ୟ ।

*–ଅଶୋକ କୁମାର ମହାନ୍ତି,*
*ଜଟଣୀ, ଖୋର୍ଦ୍ଧା*

ଧରିତ୍ରୀ ଛୁଟିଦିନ

ସମ୍ପାଦକ: ତଥାଗତ ସତପଥୀ

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା: ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ୪ ସୁନାବେଶ



**ମହାପ୍ରଭୁ ଶ୍ରୀଜଗନ୍ନାଥ। ରାଜାଧିରାଜ ସେ କାଳିଆ ସାଆନ୍ତ। ସମନ୍ୱିତ ସାଂସ୍କୃତିକ ପରମ୍ପରାର ଶ୍ରେଷ୍ଠ ନିଦର୍ଶନ। ଅପୂର୍ବ ତାଙ୍କର ମାନବୀୟ ଲୀଳା। ପ୍ରତ୍ୟେକ ଲୀଳାର ଅନ୍ତରାଳେ ନିହିତ ଥାଏ ମଙ୍ଗଳ କାମନା। ସେଥିପାଇଁ ଦାରୁଦିଅଁଙ୍କ ନୀତିକାନ୍ତି, ଭୋଗ, ବେଶ ସବୁକିଛି ମହିମାମଣ୍ଡିତ। ପୁଣି ବେଶ ମଧ୍ୟରେ ଅନନ୍ୟ ବିଶ୍ୱନିୟନ୍ତାଙ୍କ ସୁନାବେଶ। ବର୍ଷକୁ ରତ୍ନ ସିଂହାସନରେ ୪ଥର ଆଉ ଥରେ ଭାଇ ଭଉଣୀଙ୍କ ସହ  ରଥରେ ସ୍ୱର୍ଣ୍ଣ ଅଳଙ୍କାରରେ ସଜେଇ  ହୁଅନ୍ତି କାଳିଆ ଠାକୁର...**

**ଅଳଙ୍କାର ପାଇଁ ରତ୍ନଦାନ:** ଶ୍ରୀବ୍ରହ୍ମଦାରୁ ଉପାସନାରେ ଭକ୍ତିର ସହ ସମର୍ପିତ ହୋଇଥାଏ ବହୁମୂଲ୍ୟ ଅଳଙ୍କାର। ଏହି ଅଳଙ୍କାର ମୁଖ୍ୟତଃ ଦୁଇ ପ୍ରକାର– ରତ୍ନାଳଙ୍କାର ଓ ପୁଷ୍ପାଳଙ୍କାର। ମହାପ୍ରଭୁଙ୍କୁ ପ୍ରୀତ କରି ଆଶୀର୍ବାଦ ଲାଭ ନିମନ୍ତେ ଉତ୍କଳର ରାଜାମାନେ ଅନେକ ରତ୍ନାଳଙ୍କାର ଦାନ କରିଥିବା ମାଦଳାପାଞ୍ଜିରେ ଉଲ୍ଲେଖ ରହିଛି। ଅନଙ୍ଗଭୀମଙ୍କ ପ୍ରସଙ୍ଗରେ ତିନୋଟି ସ୍ଥାନରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅଳଙ୍କାର ପାଇଁ ସ୍ୱର୍ଣ୍ଣଦାନର ବିବରଣୀ ରହିଅଛି। ‘‘ପ୍ରମେଶ୍ୱରଙ୍କ  ତଡ଼ାଉମାନ ଖଟଣିଯୋଗାଡ଼ମାନଙ୍କୁ ମଧ କରି ଥୋକାଏ ସୁନା ରତନଦେବା ଏମନ୍ତ ଆମ୍ଭେ ବିଚାରିଅଛୁ। ପ୍ରମେଶ୍ୱରଙ୍କ ଅଳଙ୍କାରକୁ ସୁନା ୨ଲକ୍ଷ ପଚାଶ ହଜାର ମାଢ଼ (ଦ୍ୱିତୀୟ ପାଞ୍ଜିରେ) ଜଗନ୍ନାଥ ମହାପ୍ରଭୁଙ୍କ ଅଳଙ୍କାର ପାଇଁ ଦଶସହସ୍ର ସୁନିଆଁ ଦେଲେ।’’ ଜୟବିଜୟ ଦ୍ୱାରସ୍ଥ କପିଳେନ୍ଦ୍ର ଦେବଙ୍କ ଏକ ଶିଳାଲେଖରେ ଶ୍ରୀମନ୍ଦିରକୁ ରତ୍ନତୋଢ଼ର, ଶ୍ରୀଭୁଜ ନିମନ୍ତେ ରତ୍ନ ଶଙ୍ଖଚକ୍ର, ରତ୍ନ ପଦକ, ରତ୍ନ ମୁକୁଟ, କାନଫୁଲ, ନାନା ନାଏକ ମୁଦି, କାଣିକସୂତା, ମର୍କତ ଯାଉଳି, ମର୍କତ ମୁକୁଟ, ପଦ ପଲ୍ଲବ, ନାନା ନାଏକ ବାହୁଟି, ହୀରା ମାଣିକ ବଳା, ଜାଲି ତୋଢ଼ର, କାନ୍ତି ଜରକବର, କଟି ମେଖଳା ଆଦି ଅର୍ପଣ କରିବା ବର୍ଣ୍ଣିତ ହୋଇଛି। ସେହି ଦ୍ୱାରରେ ଥିବା ପୁରୁଷୋତ୍ତମ ଦେବଙ୍କ ଏକ ଶିଳାଲେଖରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବା ପାଇଁ କେତେକ ମୂଲ୍ୟବାନ ଦ୍ରବ୍ୟ ସମେତ ରତ୍ନ କାନଫୁଲ, ବାହୁଟି ଆଦି ଅର୍ପଣ କରିଥିବା ବର୍ଣ୍ଣିତ ହୋଇଛି।

ମହାପ୍ରଭୁଙ୍କୁ ଅଳଙ୍କାରରେ ବିମଣ୍ଡିତ କରିବା ପାଇଁ ଭିତର ଓ ବାହାର ରତ୍ନଭଣ୍ଡାରରେ କେତେ ଯେ ଅଳଙ୍କାର ଗଚ୍ଛିତ ରହିଛି, ଏ ପର୍ଯ୍ୟନ୍ତ ତାହାର ଠିକ୍ ଆକଳନ କରାଯାଇ ପାରି ନାହିଁ। ସ୍ୱତ୍ୱଲିପିରେ ପ୍ରାୟ ୧୪୭ ପୃଷ୍ଠା ବ୍ୟାପୀ କେତେକ ଅଳଙ୍କାରର ତାଲିକା ରହିଛି। ତନ୍ମଧ୍ୟରୁ କେତେଗୁଡ଼ିଏ କେବଳ ପତ୍ରପୁଷ୍ପ ଓ ବୀଜ ସମ୍ପର୍କିତ ଅଳଙ୍କାର। ତାହାର ନାମ ହେଲା– ସୁନା ଚମ୍ପାକଳୀ ମାଳି, ସୁନା ତୁଳସୀ ପତ୍ରିଆ ମାଳି, ସୁନା ବଉଳକୋଳିଆ ମାଳି, ସୁନା ଜାମୁକୋଳିଆ ମାଳି, ସୁନା ପଦ୍ମ ମାଳି, ସୁନା କଦମ୍ବ ମାଳି, ସୁନା ସେବତୀଫୁଲ ମାଳି, ରତ୍ନଜଡ଼ିତ ବେଲପତ୍ରିଆ ମାଳି, ସୁନା ହରିଡ଼ାକଣ୍ଠି ମାଳି, ସୁନା ଅଁଳାମଞ୍ଜିଆ କଣ୍ଠି, ସୁନା ମୃଗକୋଳିଆ କଣ୍ଠି, ସୋରିଷିଆ କଣ୍ଠି, ସୁନାଦୂବ, ସୁନା କାରୁଆ ଫୁଲ ଇତ୍ୟାଦି। ତେଣୁ ମହାପ୍ରଭୁଙ୍କର ସର୍ବାଙ୍ଗକୁ ମଣ୍ଡନ କଲାଭଳି ସମସ୍ତ ପ୍ରକାରର ଅଳଙ୍କାର ରତ୍ନଭଣ୍ଡାରରେ ଗଚ୍ଛିତ ଥିବା ନିଃସନ୍ଦେହରେ କୁହାଯାଇପାରେ। ଆକ୍ରମଣକାରୀମାନେ ଶ୍ରୀମନ୍ଦିରକୁ ୧୮ଥର ଆକ୍ରମଣ କରି ନିଜ ଇଚ୍ଛା ମୁତାବକ ବହୁ ଦୁର୍ମୂଲ୍ୟ ଅଳଙ୍କାର ଲୁଟି ନେଇଛନ୍ତି। ତଥାପି ମହାପ୍ରଭୁଙ୍କ ରତ୍ନଭଣ୍ଡାରରେ ଅଳଙ୍କାରର ଅଭାବ ନାହିଁ। ଯେପରି ଅସୁରମାନେ ସମୁଦ୍ରରୁ ଯେତେ ରତ୍ନ ଲୁଣ୍ଠନ କଲେ ମଧ୍ୟ ସମୁଦ୍ରର ରତ୍ନାକର ନାମ ପୂର୍ବବତ୍ ଅକ୍ଷୁଣ୍ଣ ରହିଛି, ସେହିପରି ଯେତେ ଅଳଙ୍କାର ଲୁଣ୍ଠିତ ହେଲେ ମଧ୍ୟ ମହାପ୍ରଭୁଙ୍କର ସର୍ବାଳଙ୍କାରଯୁକ୍ତତ୍ୱ ବିଶେଷଣ ଅକ୍ଷୁଣ୍ଣ ରହିଛି।

**କେଉଁ ଦିବସରେ କେଉଁ ଅଳଙ୍କାର:** ବର୍ଷର ବିଭିନ୍ନ ଦିବସରେ ମହାପ୍ରଭୁ ବିଭିନ୍ନ ଅଳଙ୍କାରରେ ମଣ୍ଡିତ ହୋଇ ଭକ୍ତଜନଙ୍କୁ ଦର୍ଶନ ଦେଇଥାନ୍ତି। ଆଶ୍ୱିନ ଶୁକ୍ଳ ଏକାଦଶୀଠାରୁ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ପ୍ରତ୍ୟହ ଶ୍ରୀଜୀଉଙ୍କର ପବିତ୍ର ରାଧାଦାମୋଦର  ବେଶ ଅନୁଷ୍ଠିତ ହୁଏ। ଏହି ଚିତ୍ତାକର୍ଷକ ବେଶରେ ଠାକୁରମାନେ ବିଭିନ୍ନ ସ୍ୱର୍ଣ୍ଣାଳଙ୍କାରରେ ବିଭୂଷିତ ହୋଇଥାନ୍ତି। ପ୍ରତି ବେଶରେ ଶ୍ରୀଜଗନ୍ନାଥ ୭ ମାଳି, ଶ୍ରୀବଳଭଦ୍ର ୫ ମାଳି ଓ ଦେବୀ ସୁଭଦ୍ରା ୩ ମାଳି ପରିଧାନ କରିଥାନ୍ତି। କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ମହାପ୍ରଭୁଙ୍କର ମନୋରମ ଲକ୍ଷ୍ମୀନାରାୟଣ ବେଶ (ଠିଆକିଆ ବେଶ) ଅନୁଷ୍ଠିତ ହୁଏ। ଏହି ବେଶରେ ଲାଗି ହେଉଥିବା ସୁବର୍ଣ୍ଣ ଅଳଙ୍କାର ହେଲା– ସୁବର୍ଣ୍ଣର ଶ୍ରୀଭୁଜ, ଶ୍ରୀପୟର, କିରୀଟ, କାନ, କଦମ୍ବ ମାଳି, ହରିଡ଼ା ମାଳି, ବାହାଡ଼ା ମାଳି, ତାବିଜ ମାଳି, ବାଘନଖି ମାଳି, ସେବତୀ ମାଳି, ଚନ୍ଦ୍ରିକା, ଅଳକା, ଶ୍ରୀମୁଖପଦ୍ମ, ଓଡ଼ିଆଣୀ, ଚନ୍ଦ୍ରସୂର୍ଯ୍ୟ, ତିଳକ, ଘାଗଡ଼ା ମାଳି, କୁଣ୍ଡଳ, ତଡ଼ଗୀ ଓ ଏକ କ୍ଷୁଦ୍ର ଟୋପର (ଏଥିରେ ସ୍ୱର୍ଣ୍ଣ କିଆ ଖଞ୍ଜାଯାଇଥାଏ)। କାର୍ତ୍ତିକ ଶୁକ୍ଳ ଦ୍ୱାଦଶୀ ତିଥିରେ ମହାପ୍ରଭୁଙ୍କର ରମଣୀୟ ବାଙ୍କଚୂଡ଼ ବେଶ ହୁଏ। ଏହି ବେଶରେ ଠାକୁରମାନଙ୍କ ମସ୍ତକରେ ସୁନାର ଲଣ୍ଡାକିରୀଟ ଶୋଭାପାଏ। ମସ୍ତକରେ ବାଙ୍କଚୂଡ଼ରେ ସୁନାର କିଆ ଓ ଚନ୍ଦ୍ରିକା ଲାଗି କରାଯାଏ। →

## ରଥରେ କାହିଁକି ସୁନାବେଶ

**ଆ**ଷାଢ଼ ଶୁକ୍ଳ ବଡ଼ ଏକାଦଶୀ ଦିନ ରଥ ଉପରେ ଅନୁଷ୍ଠିତ ହୁଏ ଦାରୁଦିଅଁଙ୍କ ସୁନାବେଶ। ଏହାକୁ ବି କୁହାଯାଏ ବଡ଼ ତଡ଼ଉ ବେଶ। ଶ୍ରୀମନ୍ଦିରରେ ସମ୍ପାଦିତ ୪ଥର ସୁନାବେଶର ନିର୍ଦ୍ଦିଷ୍ଟ ତଥ୍ୟ ସମ୍ପର୍କରେ ଇତିହାସ ନୀରବ।  ଅପରପକ୍ଷେ ଇତିହାସ କୁହେ, ସୂର୍ଯ୍ୟବଂଶର ପ୍ରତିଷ୍ଠାତା ଗଜପତି କପିଳେନ୍ଦ୍ର ଦେବ ଦାକ୍ଷିଣାତ୍ୟ ବିଜୟ କରିବା ପରେ ସେଠାରୁ ଅଜସ୍ର ଧନ ରତ୍ନ, ହୀରା, ନୀଳା ଆଦି ହାତୀ ପିଠିରେ ଲଦି ଆମ ରାଜ୍ୟକୁ ଫେରିଥିଲେ। ପ୍ରାଚୀନ ପରମ୍ପରା ଅନୁଯାୟୀ ଯୁଦ୍ଧରେ ବିଜିତ ଧନରତ୍ନ ରାଜାଧିରାଜ ଦାରୁଦିଅଁଙ୍କ ପାଖକୁ ହିଁ ଆସିଥାଏ। ଏଣୁ କପିଳେନ୍ଦ୍ର ଦେବ ଏସବୁ ଦ୍ରବ୍ୟ ଶ୍ରୀମନ୍ଦିରରେ ପହଞ୍ଚାଇବା ଲାଗି ଆଦେଶ ଦେଇଥିଲେ। ତେବେ ନିଜେ ଗଜପତି ଏକ ପଟୁଆରରେ ଆସି ଏସବୁ ଧନରତ୍ନ ଶ୍ରୀମନ୍ଦିର ଭଣ୍ଡାରକୁ ହସ୍ତାନ୍ତର କରିଥିଲେ। ସେତିକିବେଳେ ତଡ଼ଉ କରଣ ଗଜପତିଙ୍କୁ ମନେ ପକାଇ ଦେଇଥିଲେ, ଆପଣ ନିଜକୁ ସାମ୍ରାଜ୍ୟର ରାଉତ ବୋଲି ଘୋଷଣା କରିବା ସହ କହିଥିଲେ ପ୍ରକୃତ ଗଜପତି ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ। ତେଣୁ ରାଉତ ଆଣିଥିବା ସମସ୍ତ ଅଳଙ୍କାର ସାମ୍ରାଜ୍ୟର ପ୍ରଜାଙ୍କ ଦର୍ଶନ ପାଇଁ ଶ୍ରୀମନ୍ଦିର ବାହାରେ ମହାପ୍ରଭୁଙ୍କୁ ଭୂଷିତ କରାଯାଉ। ପ୍ରତିବର୍ଷ ପ୍ରଜା ଏହାକୁ ଦେଖି ଗୌରବର ଐତିହ୍ୟକୁ ମନେ ପକାଇବେ। ଆଉ ଆମ ସାମରିକ ବିଜୟର ସ୍ମୃତି ଚିରଦିନ ପାଇଁ ଚର୍ଚ୍ଚିତ ରହିବ। ତଡ଼ଉ କରଣଙ୍କର ଏହି ପ୍ରସ୍ତାବକୁ ଗଜପତି ସ୍ୱୀକାର କରିଥିଲେ। ଦାରୁଦିଅଁଙ୍କୁ ଦର୍ଶନ କରି ଫେରିବା ପରେ ମନ୍ଦିର ବେଢ଼ାରେ ଘୋଷଣା କରିଥିଲେ, ମହାପ୍ରଭୁ ରଥଯାତ୍ରା ଉତ୍ସବରେ ସିଂହଦ୍ୱାରରେ ଆସି ପହଞ୍ଚିବା ପରେ ରଥ ଉପରେ ଆଷାଢ଼ ଶୁକ୍ଳ ବଡ଼ ଏକାଦଶୀ ତିଥିରେ ରାଜାଧିରାଜ ଶ୍ରୀଜଗନ୍ନାଥଙ୍କୁ ସୁବର୍ଣ୍ଣ ବେଶ କରାଯିବ। ତେଣୁ ଅନୁମାନ କରାଯାଏ ଯେ, ୧୪ଶହ ଖ୍ରୀଷ୍ଟାବ୍ଦ ୪ର୍ଥ ଦଶକ ମଧ୍ୟରେ ଏହି ଅପୂର୍ବ ଘଟଣା ରୂପାୟିତ ହୋଇଥିଲା। ଆଉ ସେବେଠାରୁ ରଥ ଉପରେ ହେଉଥିବା ସୁନାବେଶ ଆମ ଅତୀତର ସାମରିକ ଗୌରବ ଗାଥା ବଖାଣୁଛି।





ସୁବର୍ଣ୍ଣ କୁଣ୍ଡଳ ପିନ୍ଧାଯାଏ। ବିଭିନ୍ନ ପ୍ରକାର ମାଳି ଯଥା– ଘାଗଡ଼ା ମାଳି, ପଦ୍ମଫୁଲ ମାଳି ଓ କଣ୍ଠି ମାଳି ପ୍ରଭୃତି ଅଳଙ୍କାରଗୁଡ଼ିକୁ ଠାକୁରମାନେ ଧାରଣ କରିଥାନ୍ତି। ଏହି ବେଶରେ ସୁନାର ଶ୍ରୀମୁଖପଦ୍ମ ଲାଗିଥାଏ। ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ର ସୁବର୍ଣ୍ଣର ହସ୍ତପଦଯୁକ୍ତ ହୋଇଥାନ୍ତି ଓ ଆୟୁଧମାନ ଧାରଣ କରିଥାନ୍ତି। କାର୍ତ୍ତିକ ଶୁକ୍ଳ ତ୍ରୟୋଦଶୀ ଦିନ ଅନୁଷ୍ଠିତ ହୁଏ ତ୍ରିବିକ୍ରମ ବେଶ (ଡାଳିକିଆ ବେଶ)। ଏହି ବେଶରେ ଠାକୁରମାନଙ୍କର ଚୂଳର ଅଗ୍ରଭାଗରେ ଥିବା ଚନ୍ଦ୍ରିକାଠାରୁ କାନ ପର୍ଯ୍ୟନ୍ତ ଉଭୟପଟେ ଗୋଟିଏ ଗୋଟିଏ ସୁନାକିଆ ତା' ପାଖକୁ ଗୋଟିଏ ଡାଳି ଓ ତା' ଉପରେ ପଦ୍ମ ଖଞ୍ଜାଯାଏ। ଦେବୀ ସୁଭଦ୍ରାଙ୍କ ମସ୍ତକରେ ଚୂଳ ଲାଗି କରା ନ ଯାଇ ସୁନା କିରୀଟ ଲଗାଯାଏ। ଠାକୁରମାନଙ୍କର ମୁଖର ଉପର ପାର୍ଶ୍ୱରେ ଦୁଇଟି ଲେଖାଏ ଆଡ଼କାନି ଲାଗି କରାଯାଇଥାଏ। ଏହି ବେଶରେ ଘାଗଡ଼ା ମାଳି, ପଦ୍ମ ମାଳି ଓ ତାବିଜ ମାଳି ପିନ୍ଧାଯାଏ। କାର୍ତ୍ତିକ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁଙ୍କର ଲକ୍ଷ୍ମୀନୃସିଂହ ବେଶ (ଆଡ଼କିଆ ବେଶ) ଅନୁଷ୍ଠିତ ହୁଏ। ଏହି ବେଶରେ ଚୂଳରେ ଚନ୍ଦ୍ରିକା ନ ଲାଗି ତ୍ରିଶାଖୀ ଲାଗେ। ଠାକୁରମାନେ ଏହି ବେଶରେ ସୁବର୍ଣ୍ଣର ବିଭିନ୍ନ ମାଳି ପରିଧାନ କରିଥାନ୍ତି। ଦେବୀ ସୁଭଦ୍ରାଙ୍କ ଶିରରେ ସୁନାର କିରୀଟ ଲଗାଯାଏ। ଯେଉଁବର୍ଷ କାର୍ତ୍ତିକ ମାସରେ ପଞ୍ଚକ ପାଞ୍ଚଦିନ ନ ହୋଇ ଛଅଦିନ ପଡ଼ିଥାଏ ଅର୍ଥାତ୍ କାର୍ତ୍ତିକ ଶୁକ୍ଳ ଏକାଦଶୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ପଞ୍ଚକର ଯେଉଁ ତିଥି ମଳ ରହେ, ସେହି ମଳ ତିଥିରେ ଠାକୁରମାନଙ୍କର ଅତ୍ୟନ୍ତ ମନୋମୁଗ୍ଧକର ନାଗାର୍ଜ୍ଜୁନ ବେଶ ଅନୁଷ୍ଠିତ ହୋଇଥାଏ। ଏହି ବେଶରେ ଠାକୁରମାନେ ମୁଖ୍ୟତଃ ସୋଲ, କନା, ଜରି, ବେତରେ ନିର୍ମିତ ହାଣ୍ଡିଆ, ଢେଣ୍ଟ, ନିଶ ଦାଢ଼ି, ସୋଲର ଛୁରି, କଟାରି, ବାଘଛାଲ ଇତ୍ୟାଦି ପିନ୍ଧିଥିଲେ ମଧ୍ୟ ବିଭିନ୍ନ ସ୍ୱର୍ଣ୍ଣ ଅଳଙ୍କାର ଯଥା– ଶ୍ରୀଭୁଜ, ଶ୍ରୀପୟର, ବାଘନଖୀ ମାଳି, ହରିଡ଼ା ମାଳି ଓ ଆୟୁଧମାନ ଧାରଣ କରିଥାନ୍ତି।

ପ୍ରତିବର୍ଷ ମହାପ୍ରଭୁଙ୍କର ଚିତ୍ତାକର୍ଷକ ସୁନାବେଶ ପାଞ୍ଚଥର ଅନୁଷ୍ଠିତ ହୋଇଥାଏ। ଏହି ବେଶ ଆଶ୍ୱିନ ଶୁକ୍ଳ ଦଶମୀ (ଦଶହରା), କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା (ପୁଷ୍ୟାଭିଷେକ), ଫାଲ୍‌ଗୁନ ପୂର୍ଣ୍ଣିମା (ଦୋଳ ପୂର୍ଣ୍ଣିମା) ଓ ଆଷାଢ଼ ଶୁକ୍ଳ ଏକାଦଶୀ ଦିନ (ରଥ ଉପରେ) ଅନୁଷ୍ଠିତ ହୋଇଥାଏ। କାର୍ତ୍ତିକ ପୂର୍ଣ୍ଣିମା ଦିନ ଠାକୁରମାନେ ସୁନାବେଶ ହୁଅନ୍ତି। ଏହି ଦିନ ବିଭିନ୍ନ ପ୍ରକାର ରତ୍ନ ଅଳଙ୍କାର, ପୁଷ୍ପ ଅଳଙ୍କାର ଓ ପୋଷାକ ଦ୍ୱାରା ସୁସଜ୍ଜିତ ହୋଇ ଠାକୁରମାନେ ରାଜରାଜେଶ୍ୱର ବେଶ ଧାରଣ କରିଥାନ୍ତି। ବିଭିନ୍ନ ପ୍ରକାର ସୁବର୍ଣ୍ଣାଳଙ୍କାରରେ ମଣ୍ଡିତ ହୋଇ ଶ୍ରୀଜୀଉମାନେ ଭକ୍ତମାନଙ୍କୁ ଦର୍ଶନ ଦେଇଥାନ୍ତି। ଏହି ମନୋହର ସ୍ୱର୍ଣ୍ଣବେଶରେ ଠାକୁରମାନେ ଧାରଣ କରୁଥିବା ସ୍ୱର୍ଣ୍ଣାଳଙ୍କାରଗୁଡ଼ିକ ହେଲା– ଶ୍ରୀଭୁଜ, ଶ୍ରୀପୟର, କିରୀଟ, କାନ, ଚନ୍ଦ୍ରସୂର୍ଯ୍ୟ, ହଳ, ମୁଷଳ, ଚକ୍ର, ଚନ୍ଦ୍ରିକା, ଘାଗଡ଼ା ମାଳି, ହରିଡ଼ା ମାଳି, ବାହାଡ଼ା ମାଳି, କଦମ୍ବ ମାଳି, ତାବିଜ ମାଳି, କୁଣ୍ଡଳ, ଚିତା (ତିଳକ), ଶ୍ରୀମୁଖପଦ୍ମ, ଓଡ଼ିଆଣୀ, ଅଳକା ଓ ତଡ଼ଗୀ ପ୍ରଭୃତି। ଏଥିସହିତ ଶ୍ରୀଜନାଥ ରୁପାର ଶଙ୍ଖ ଶ୍ରୀହସ୍ତରେ ଧାରଣ କରିଥାନ୍ତି। ଫାଲ୍‌ଗୁନ ଶୁକ୍ଳ ଦଶମୀଠାରୁ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ହେଉଥିବା ଚାଚେରୀ ବେଶରେ ପ୍ରଥମେ ମେକାପ ସର୍ବାଙ୍ଗ (ଚନ୍ଦନଲାଗି) ଓ ବୋଇରାଣୀ (ବସ୍ତ୍ର) ମାଧାବଳୀ ଇତ୍ୟାଦି ନୂଆ ଲୁଗାମାନ ଲାଗିହୋଇ ଠାକୁରଙ୍କୁ ୬ ମୂର୍ତ୍ତି ଅଳଙ୍କାର ଯଥା (ସୁବର୍ଣ୍ଣ କୁଣ୍ଡଳ-୪, ତଡ଼ଗୀ-୨)ରେ ଭୂଷିତ କରାଯାଇଥାଏ।







## ନିଜେ ସଜେଇ ହୁଅନ୍ତି ଠାକୁର

**–ମଧୁସୂଦନ ସିଂହାରୀ (ପୁଷ୍ପାଳକ ସେବକ)**

ଶ୍ରୀମନ୍ଦିରରେ, ରଥରେ ଏବଂ ଗୁଣ୍ଡିଚା ଘରେ ଦାରୁଦିଅଁଙ୍କର ଯେତେ ବେଶ ହୁଏ ସେସବୁ ଆମେ ପୁଷ୍ପାଳକ ସେବକ ସମ୍ପାଦିତ କରିଥାଉ। ରଥରେ ସୁନାବେଶବେଳେ ଭଣ୍ଡାର ମେକାପ ସେବକ ଶ୍ରୀମନ୍ଦିର ଭଣ୍ଡାର ଘରୁ ଅଳଙ୍କାରମାନ ଆଣି ରଥ ବାଡ଼ଗ୍ରାହୀଙ୍କୁ ଦିଅନ୍ତି। ବାଡ଼ଗ୍ରାହୀ ସେସବୁ ଅଳଙ୍କାର ଆମକୁ ହସ୍ତାନ୍ତର କରନ୍ତି। ଏହାପରେ ଆମେମାନେ ଠାକୁରଙ୍କୁ ବେଶ କରିଥାଉ। ଶ୍ରୀମନ୍ଦିର ଭିତରେ ସୁନାବେଶବେଳେ ଭଣ୍ଡାର ମେକାପ ଅଳାଙ୍କାରମାନ ଆମକୁ ଦେଇଥାନ୍ତି। ଆମର ବଂଶାନୁକ୍ରମିକ ଭାବେ ଏହି ସେବା ଚାଲିଆସୁଛି। ୧୦ ବର୍ଷ ହେଲା ମୋତେ ବି ଏହି ସେବା କରିବାର ସୁଯୋଗ ମିଳିଛି। ସତ କହିବାକୁ ଗଲେ, ଆମେ କେବଳ ମାଧ୍ୟମ, ମହାପ୍ରଭୁ ନିଜେ ହିଁ ସଜେଇ ହୁଅନ୍ତି।

## ସୁନାବେଶ, ଭଲମଣିଷ ହେବାର ବାର୍ତ୍ତା ଦିଏ

**– ଡ. ସୁରେନ୍ଦ୍ର କୁମାର ମିଶ୍ର, ଐତିହ୍ୟ ବିଶାରଦ**



ଓଡ଼ିଶାର ଉପାସନା ପରମ୍ପରାରେ ଦେବୀ/ଦେବତାଙ୍କ ବେଶ ସୌନ୍ଦର୍ଯ୍ୟ ଚେତନାର ନିଦର୍ଶନ। ନିଜସ୍ୱ ସୃଜନଶୀଳତା ଭକ୍ତଙ୍କୁ ବିମୋହିତ କରେ। ମହାପ୍ରଭୁଙ୍କୁ ଆକର୍ଷଣୀୟ କରିବା ହିଁ ଆନ୍ତରିକ ଇଚ୍ଛାଶକ୍ତି। ଏଥିରେ ଜ୍ଞାନ ଅପେକ୍ଷା ଭକ୍ତି ଅଧିକ। ଭକ୍ତ ନିଜର ଇଚ୍ଛାକୁ କେବଳ ଅଳଙ୍କାରରେ ସଜାଏ ନାହିଁ, ଫୁଲରେ ଓ ପୋଷାକରେ ବି ସଜାଏ। ଏଥିରେ ଥାଏ ଆତ୍ମତୃପ୍ତି। ମନୋବିଜ୍ଞାନୀଙ୍କ ଦୃଷ୍ଟିରୁ ପ୍ରଭୁ ମନନ ହେବା ପାଇଁ ଏହା ଏକ ମାଧ୍ୟମ। ସନାତନ ପରମ୍ପରାରେ କୁହାଯାଇଛି 'ଅଳଙ୍କାରପ୍ରିୟ ହରି'। ଦାରୁଦିଅଁଙ୍କୁ ପ୍ରତିଦିନ ଫୁଲ ଓ ବସ୍ତ୍ରଭୂଷଣରେ ଭୂଷିତ କରାଯାଏ। କିନ୍ତୁ ସୁନାବେଶ କରାଯାଏ ପାଞ୍ଚଥର। ଆଷାଢ଼ ଶୁକ୍ଳ ଏକାଦଶୀରେ ଶ୍ରୀମନ୍ଦିର ବାହାରେ (ରଥ ଉପରେ) ଥରେ, ଶ୍ରୀମନ୍ଦିର ଭିତରେ ଦଶହରା, କାର୍ତ୍ତିକ ପୂର୍ଣ୍ଣିମା, ପୌଷ ପୂର୍ଣ୍ଣିମା ଓ ଦୋଳ ପୂର୍ଣ୍ଣିମାରେ ଚାରିଥର ସୁନାବେଶ କରାଯାଏ। ଏହି ବେଶର ସାମାଜିକ ବାର୍ତ୍ତା ହେଉଛି ସୁବର୍ଣ୍ଣ ଯୁଗ ସୃଷ୍ଟି ପାଇଁ ସୁନାପିଲା ହେବା। ଅର୍ଥାତ୍ ଭଲ ମଣିଷ ହେବା ଓ ଭିତରର ସୁବର୍ଣ୍ଣଗୁଣ(ଭଲ) ବିକଶିତ କରିବା।

## ଠାକୁରଙ୍କ କେଉଁ ଅଙ୍ଗରେ କେଉଁ ଅଳଙ୍କାର

**କିରୀଟ:** ଠାକୁରଙ୍କ ମସ୍ତକରେ ଲାଗି ହେଉଥିବା କାରୁକାର୍ଯ୍ୟପୂର୍ଣ୍ଣ ସ୍ୱର୍ଣ୍ଣ ନିର୍ମିତ ଶିରୋଭୂଷଣ। **ଅଳକା:** ଶ୍ରୀମୁଖରେ ଲାଗି ହେଉଥିବା ଚୂର୍ଣ୍ଣକୁନ୍ତଳ ଭଳି ଏକ ସ୍ୱର୍ଣ୍ଣ ଅଳଙ୍କାର। **କୁଣ୍ଡଳ:** ସୁନାରେ ନିର୍ମିତ କର୍ଣ୍ଣାଳଙ୍କାର। **ଚନ୍ଦ୍ରିକା:** ମୟୂର ଚନ୍ଦ୍ରିକା ଭଳି ଏକ ସ୍ୱର୍ଣ୍ଣାଳଙ୍କାର ଯାହାକି ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ କିରୀଟ ପଛପଟେ ଥିବା ଚୂଳରେ ଖଞ୍ଜା ଯାଇଥାଏ। **ଓଡ଼ିଆଣୀ:** କଟିମେଖଳା। ଏହି ସ୍ୱର୍ଣ୍ଣାଳଙ୍କାର ସୁନା ବେଶରେ ଠାକୁରମାନଙ୍କ କଟି ଦେଶରେ ଲାଗି ହୋଇଥାଏ। **କିଆ:** ସୁନାରେ ନିର୍ମିତ କିଆପତ୍ର ସଦୃଶ ଅଳଙ୍କାର। କାର୍ତ୍ତିକ ଶୁକ୍ଳ ଏକାଦଶୀରେ ଅନୁଷ୍ଠିତ ବେଶରେ ମହାପ୍ରଭୁଙ୍କ ଶ୍ରୀମସ୍ତକରେ ସୁନାର କିଆପତ୍ରମାନ ଠିଆ ଢଙ୍ଗରେ ସଜ୍ଜିତ ହୁଏ ବୋଲି ଏହି ବେଶକୁ ଠିଆକିଆ ବେଶ ବା ଲକ୍ଷ୍ମୀନାରାୟଣ ବେଶ କୁହାଯାଏ। **ଚନ୍ଦ୍ରସୂର୍ଯ୍ୟ:** ଠାକୁରଙ୍କ ଚିତା ଉପରକୁ ମଧ୍ୟଭାଗରେ ଏହି ସ୍ୱର୍ଣ୍ଣାଳଙ୍କାର ଲାଗେ। **ଚିତା:** ଶ୍ରୀମସ୍ତକରେ କପାଳର ଚିତା ସ୍ଥାନରେ ଲାଗି ହେଉଥିବା ଅଳଙ୍କାର। ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ନିମନ୍ତେ ଯଥାକ୍ରମେ ହୀରା, ନୀଳା ଓ ମାଣିକ୍ୟର ଚିତା ରହିଛି। **ଆଡ଼କାନି:** ଠାକୁରମାନଙ୍କ ଶ୍ରୀମୁଖର ଦୁଇ ପାର୍ଶ୍ୱରେ ରାହୁରେଖା ଉପରେ ସ୍ୱର୍ଣ୍ଣ ନିର୍ମିତ ଅଳଙ୍କାର ଆଡ଼କାନି ବନ୍ଧାଯାଏ। ମଝିରେ ଚନ୍ଦ୍ରସୂର୍ଯ୍ୟ ରହେ। **ଝୋବାଣି:** କଟିଦେଶର ସ୍ୱର୍ଣ୍ଣ ନିର୍ମିତ ଝୁମ୍ପା। ସୁନାର ଗିନା ମଧ୍ୟରୁ କିଛି ରେଶମ ସୂତା ବାହାରିଥିବା ଓ ଗିନା ଉପରେ କେତୋଟି ସୁନାକଣ୍ଠି ଥିବା ଏକ ଅଳଙ୍କାର। **ତଡ଼ଗୀ:** ଦେବୀ ସୁଭଦ୍ରାଙ୍କ ଚନ୍ଦ୍ରସୂର୍ଯ୍ୟର ଦୁଇ ପଟରେ ମସ୍ତକରେ ଲାଗି ହେଉଥିବା ଅଳଙ୍କାର। **ନଳିଭୁଜ:** ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କ ଶ୍ରୀଭୁଜକୁ ଆବୃତ କଲାଭଳି ସୁନାର ନଳି ସଦୃଶ ଏକ ଅଳଙ୍କାର। **ମୁଖପଦ୍ମ:** କଳାକନା ଉପରେ ସୁନାର ପଦ୍ମଫୁଲ ସଜ୍ଜିତ ହୋଇ ମୁହଁର ଚାରିପଟରେ ବେଢ଼େଇ ଦିଆଯାଉଥିବା ଏକ ସ୍ୱର୍ଣ୍ଣାଳଙ୍କାର। **ରାହୁରେଖା:** ଠାକୁରମାନଙ୍କ ଶ୍ରୀମୁଖକୁ ଘେରି ସୁନାପାତିଆର ଧାର ଭଳି ଏକ ସ୍ୱର୍ଣ୍ଣାଳଙ୍କାର। ରଥଯାତ୍ରା ପରେ ଭାଦ୍ରବ କୃଷ୍ଣ ପଞ୍ଚମୀ ବା ରେଖା ପଞ୍ଚମୀ ଦିନ ଏହା ପୁନଶ୍ଚ ଶ୍ରୀମୁଖରେ ଲାଗି ହୋଇଥାଏ। **ଶ୍ରୀଭୁଜ:** ଠାକୁରମାନଙ୍କ ସୁବର୍ଣ୍ଣ ନିର୍ମିତ ଶ୍ରୀହସ୍ତ। ଏଥିରେ ଅଙ୍ଗୁଳି ଓ ଅଙ୍ଗୁଳିରେ ମୁଦ୍ରିକା ଲାଗିଥାଏ। ବେଶରେ ଶ୍ରୀଜଗନ୍ନାଥଙ୍କ ପାଇଁ ଶଙ୍ଖ, ଚକ୍ର ଓ ଶ୍ରୀବଳଭଦ୍ରଙ୍କ ପାଇଁ ହଳ ମୁଷଳ ଏଥିରେ ଖଞ୍ଜା ଯାଇଥାଏ। **ଶ୍ରୀପୟର:** ସ୍ୱର୍ଣ୍ଣ ନିର୍ମିତ ପାଦ। ବେଶରେ ଶ୍ରୀଜଗନ୍ନାଥ ଓ ଶ୍ରୀବଳଭଦ୍ରଙ୍କଠାରେ ଏହା ଲାଗି ହୋଇଥାଏ। ଶ୍ରୀଜଗନ୍ନାଥ ନିଜର ସ୍ୱର୍ଣ୍ଣ ଶ୍ରୀଭୁଜରେ ରୁପା ନିର୍ମିତ ଦିବ୍ୟ ଶଙ୍ଖ ଧାରଣ କରିଥାନ୍ତି। ସେହିପରି ସ୍ୱର୍ଣ୍ଣ ଶ୍ରୀଭୁଜର ଦଶ ଆଙ୍ଗୁଳିରେ ନାନା ରତ୍ନ ଖଚିତ ମୁଦ୍ରିକା ପରିଧାନ କରିଥାନ୍ତି। ଏହିଭଳି ଭାବେ ବିଭିନ୍ନ ବେଶରେ ଠାକୁରମାନେ ବହୁ ସ୍ୱର୍ଣ୍ଣାଳଙ୍କାରରେ ମଣ୍ଡିତ ହୋଇ ଦର୍ଶନ ଦେଇଥାନ୍ତି।

**–ବୀରଭଦ୍ର ବିଶ୍ୱାଳ, ରୋଜାଲିନ୍ ମହାନ୍ତି**

ଫଟୋ: ଯଜ୍ଞେଶ୍ୱର ମହାନ୍ତି

# ଫ୍ୟାଶନରେ ଚୋକର ଟପ୍ସ







ଯେକୌଣସି ଅକେଜନ୍ ହେଉ ନା କାହିଁକି ଜିନ୍ସ ଓ ଟପ୍ସ ପିନ୍ଧିଲେ କମ୍ଫଟେବଲ ଲାଗିଥାଏ ବୋଲି ଅନେକଙ୍କର ମତ ଥାଏ। ଏପରିକି କେହି କେହି ପାର୍ଟି, ଫଙ୍କ୍ସନରେ ସ୍କର୍ଟ ସହ ଟପ୍ସକୁ ପେୟାର କରୁଥିବାର ମଧ୍ୟ ଦେଖିବାକୁ ମିଳିଥାଏ। ସେଥିପାଇଁ ମାର୍କେଟ୍‌ରେ ଟପ୍ସର ଅନେକ ଭେରାଇଟି ଦେଖିବାକୁ ମିଳେ। ତେବେ ଚୋକର ଟପ୍ସ ହେଉଛି ତନ୍ମଧ୍ୟରୁ ଗୋଟିଏ। ଏହି ଟପ୍ସରେ ହୋଇଥିବା ଡିଜାଇନ ଓ ଏହାର ଫ୍ୟାବ୍ରିକ୍‌କୁ ନେଇ ବେକ ଚାରିପଟେ ହୋଇଥିବା ଚୋକର ଷ୍ଟାଇଲର ଏକ ପଟି ଟପ୍ସକୁ ଷ୍ଟାଇଲିଶ୍ ଓ ଟ୍ରେଣ୍ଡି କରିଥାଏ। ମୁଖ୍ୟ କଥା ହେଉଛି ଏହି ଷ୍ଟାଇଲର ଟପ୍ସ ପିନ୍ଧିଲାବେଳେ ବେକରେ କୌଣସି ନେକ୍‌ପିସ୍ ପିନ୍ଧିବାର ଆବଶ୍ୟକତା ପଡ଼େ ନାହିଁ। ତେବେ ଆସନ୍ତୁ ଜାଣିବା କେତୋଟି ଆକର୍ଷଣୀୟ ଚୋକର ଟପ୍ସ ସମ୍ପର୍କରେ....

**ବ୍ଲାକ୍ ଚୋକର ଟପ୍ସ:** ପାର୍ଟି, ଫଙ୍କ୍‌ଶନରେ ପିନ୍ଧିବା ପାଇଁ କଳାରଙ୍ଗର ଚୋକର ଟପ୍ସ ପରଫେକ୍ଟ ହୋଇଥାଏ। ଆଉ ଯଦି ଏହି ଟପ୍ସର ପଛପଟେ ଜିପ୍ ଲାଗିଥାଏ, ତା'ହେଲେ ଏହାକୁ ପିନ୍ଧିବା ବହୁତ କମ୍ଫଟେବଲ ହୋଇଥାଏ। ଏହି ଟାଇପ୍‌ର ଟପ୍ସକୁ ଜିନ୍ସ ହେଉ ଅବା ସ୍କର୍ଟ ସହ ପେୟାର କରି ପିନ୍ଧାଯାଇପାରେ।

**ଅଫ୍ ସୋଲ୍ଡର ଚୋକର ଟପ୍ସ:** ଏହି ଟାଇପ୍‌ର ଟପ୍ସ ଯୁବତୀଙ୍କୁ ହଟ୍ ଲୁକ୍ ଦେଇଥାଏ। ଏଥିରେ ହୋଇଥିବା ଚୋକର ନେକ୍ ଡିଜାଇନ ବେଶ୍ ଆଟ୍ରାକ୍ଟିଭ୍ ଲାଗିଥାଏ। ଆଉ ଯଦି ଏହି ଟପ୍ସରେ ଷ୍ଟ୍ରାଇପ୍ ପ୍ରିଣ୍ଟ ହୋଇଥାଏ, ତା'ହେଲେ ସ୍ମାର୍ଟ ଲୁକ୍ ମିଳେ। ଉଭୟ ଜିନ୍ସ ପ୍ୟାଣ୍ଟ ହେଉ ଅବା ନି ଲେଙ୍ଗ୍‌ଥ ସ୍କର୍ଟ ସହ ଏହି ଟପ୍ସ ପିନ୍ଧିଲେ ମଡର୍ନ ଲୁକ୍ ମିଳେ। କାଜୁଆଲ ଆଉଟିଂ ହେଉ ଅବା ଡେଟିଂରେ ଯିବା ପାଇଁ ଏହି ଆଉଟ୍‌ଫିଟ୍ ପରଫେକ୍ଟ ହୋଇଥାଏ।

**ୱାନ୍ ସୋଲ୍ଡର ଚୋକର ଟପ୍ସ:** ଏହି ଷ୍ଟାଇଲର ଟପ୍ସ ପାର୍ଟି,ଫଙ୍କ୍‌ସନ ପାଇଁ ବେଷ୍ଟ। ଏହା ମଡର୍ନ ଲୁକ୍ ଦେଇଥାଏ। ଏହି ଟପ୍ସର ଗୋଟେ ପଟେ ହାତ ଥାଏ ଆଉ ସେହି ହାତକୁ ମ୍ୟାଚ୍ କରି ବେକରେ ଚୋକର ଷ୍ଟାଇଲ କରାଯାଇଥାଏ। ବିଭିନ୍ନ ରଙ୍ଗରେ ଆସୁଥିବା ଏହି ଟପ୍ସକୁ ସର୍ଟ୍ସ ହେଉ ଅବା ୱାନ୍ ଥାର୍ଡ ପ୍ୟାଣ୍ଟ କିମ୍ବା ଜିନ୍ସ ସହ ପିନ୍ଧା ଯାଇପାରେ।

**ଚେକ୍ ଷ୍ଟାଇଲ ଚୋକର ଟପ୍ସ:** କାଜୁଆଲ ଲୁକ୍ ପାଇଁ ଏହି ଟାଇପ୍‌ର ଟପ୍ସ ପରଫେକ୍ଟ ହୋଇଥାଏ। ଏହାକୁ ଆପଣ ରେଗୁଲାର ୱେର୍ ଭାବେ ମଧ୍ୟ ବ୍ୟବହାର କରିପାରିବେ। ଘରେ ହେଉ ଅବା ବାହାରେ କିମ୍ବା ଅଫିସ୍ ଗଲାବେଳେ ଏହି ଟପ୍ସକୁ ପିନ୍ଧିଲେ ସୋବର ଲୁକ୍ ମିଳିଥାଏ। ଡେନିମ୍ ଜିନ୍ସ ହେଉ କିମ୍ବା ସ୍କର୍ଟ ସହ ଏହା ବେଶ୍ ଭଲ ମ୍ୟାଚ୍ କରେ।


**କଟିଂ ଷ୍ଟାଇଲ ଚୋକର ଟପ୍ସ:** ଏହି ଷ୍ଟାଇଲର ଟପ୍ସ ଯୁବତୀଙ୍କୁ ଟ୍ରେଣ୍ଡି ଲୁକ୍ ଦେଇଥାଏ। କୋଲ୍ଡ ସୋଲ୍ଡର ଷ୍ଟାଇଲ ବା କାନ୍ଧ ପାଖେ ଥିବା କଟା ଷ୍ଟାଇଲ ପାଇଁ ଏହି ଟପ୍ସ ମଡର୍ନ ଲାଗେ। ସାଧାରଣତଃ ଏହି ଟାଇପ୍‌ର ଟପ୍ସରେ ହାତ ଟିକେ ଲମ୍ବା ଥାଏ। ଏହା ବିଭିନ୍ନ ରଙ୍ଗରେ ଆସୁଥିଲେ ବି ଖାସ୍ ନୀଳରଙ୍ଗର ଚୋକର ଟପ୍ ବେଶ୍ ସୁନ୍ଦର ଦେଖାଯାଇଥାଏ।

**ପ୍ଲେନ୍ ଚୋକର ଟପ୍ସ:** ଏହି ଟପ୍ସର ଡିଜାଇନ ପୂରା ପ୍ଲେନ୍ ରହିଥାଏ। ଆଉ ଏଥିରେ ଯେଉଁ ଚୋକର ଷ୍ଟାଇଲ ହୋଇଥାଏ ତାହା ବି ପ୍ଲେନ୍ ରହିଥାଏ। କିନ୍ତୁ ଏହା ପିନ୍ଧିବା ପାଇଁ କମ୍ଫଟେବଲ ଲାଗେ। ବ୍ଲାକ୍ କଲର୍‌ର ଜିନ୍ସ ପ୍ୟାଣ୍ଟ ସହ ପ୍ଲେନ୍ ଚୋକର ଟପ୍ସ ବହୁତ ସୁନ୍ଦର ଦେଖାଯାଇଥାଏ।






# ଅନୁଭବ ବିନା ଗୀତ ଲେଖି ହୁଏନା



ପିଲାଦିନରୁ ତାଙ୍କର ସଙ୍ଗୀତ ପ୍ରତି ଥିଲା ଦୁର୍ବଳତା। ସ୍କୁଲ ବୟସରୁ ରେଡିଓ ଶୁଣିବା, ସିନେମା ଦେଖିବାର ନିଶା ତାଙ୍କ ମନକୁ ସର୍ବଦା ଅଥୟ କରୁଥିଲା। ଏଥିଯୋଗୁ ଯାହା ଲେଖୁଥିଲେ ତାହାକୁ ଗୀତପରି ଗାଉଥିଲେ। ଏମିତିରେ ସେ ନବମ ଶ୍ରେଣୀରୁ ଆକାଶବାଣୀର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ହୋଇପାରିଥିଲେ। ପ୍ରାୟ ୫ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ସାହିତ୍ୟ, ସଙ୍ଗୀତ, ବେତାର ନାଟକ ଓ ଚଳଚ୍ଚିତ୍ର ଆଦି କ୍ଷେତ୍ରରେ ତାଙ୍କର ସ୍ୱତନ୍ତ୍ର ପରିଚୟ ରହିଛି। ମଥାରେ ସିନ୍ଦୂର ଆଖିରେ କଜ୍ଜଳ ସୁନା ଗୋରୀ..., ହେ ମିତା ହେ ଲିତା, ଝୁମି ଝୁମି ନିଶାରେ ଚାଲେ ସିଏ, ଉମା ପାଇଁ ଶଙ୍କର, ଗୌରୀ ପାଇଁ ହର...ଏମିତି ଏକାଧିକ ଚଳଚ୍ଚିତ୍ର ସଙ୍ଗୀତର ସେ ଲେଖକ। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ବିଭିନ୍ନ ଅନୁଷ୍ଠାନରୁ ତାଙ୍କୁ ମିଳିଛି ଅନେକ ପୁରସ୍କାର ଓ ସମ୍ମାନ । ସେ ହେଲେ ଲକ୍ଷ୍ମୀନାରାୟଣ ମହାନ୍ତି, ଜନ୍ମ ୧୯୫୦ ମସିହା ଜୁନ୍ ୨ ତାରିଖରେ। ପିତା ଖ୍ୟାତନାମା ଆଇନଜୀବୀ ବିଶ୍ୱମ୍ଭର ମହାନ୍ତି ଏବଂ ମାତା କମଳା ଦେବୀ। ଘର ଖୋର୍ଦ୍ଧା ଜିଲା ବାଲକାଟୀର ମକନ୍ଦମ ସାହିରେ। ସେ କୁହନ୍ତି, ସ୍କୁଲ ବୟସରୁ ସଙ୍ଗୀତ ପ୍ରତି ମୋର ଅତ୍ୟନ୍ତ ଆଗ୍ରହ ଥିଲା। ଗୀତ ଶୁଣିବା, ଗାଇବା ଏବଂ ଲେଖିବାର ଆଗ୍ରହ ମୋତେ ଜଣେ ଗୀତିକାର ଭାବେ ପରିଚିତି କରାଇଛି। ଷଷ୍ଠ ଶ୍ରେଣୀରେ ପଢୁଥିଲାବେଳେ ମୋର ପ୍ରଥମ ଛନ୍ଦ କବିତା 'ସପନ ପରୀ' ସ୍କୁଲ ମାଗାଜିନରେ ପ୍ରକାଶ ପାଇଥିଲା ଓ ଶିକ୍ଷକମାନେ ଖୁବ୍ ପ୍ରଶଂସା କରିଥିଲେ। ସେବେଠାରୁ ସମସ୍ତଙ୍କର ପ୍ରେରଣା ମିଳିଆସିଛି। ନବମ ଶ୍ରେଣୀରେ ପଢିବାବେଳେ ଆକାଶବାଣୀର ପ୍ରଶ୍ନ ଉତ୍ତର ବିଭାଗକୁ ଚିଠିଲେଖି ପରାମର୍ଶ ପାଇଥିଲି। ତାପରେ ଆକାଶବାଣୀରୁ ଗୀତ ଶୁଣିଶୁଣି କିଛି ନୂଆନୂଆ ଗୀତ ଲେଖିବା ଅଭ୍ୟାସ ହୋଇଯାଇଥିଲା। ପ୍ରଥମେ ପ୍ରାୟ ପଚାଶଟି ଗୀତ ଲେଖି ଆକାଶବାଣୀ କଟକ କେନ୍ଦ୍ରକୁ ପଠାଇଥିଲି। କିଛିଦିନ ପରେ ସେଠାରୁ ଚିଠି ଆସିଥିଲା। ତା'ପରେ ୧୯୬୫ ମସିହାରେ ଆକାଶବାଣୀ କଟକ କେନ୍ଦ୍ରର ଜଣେ ସ୍ୱୀକୃତିପ୍ରାପ୍ତ ଗୀତିକାର ଭାବେ ପରିଚିତ ହେଲି। ସମୟକ୍ରମେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ନୃତତ୍ତ୍ୱ ବିଭାଗରେ ସ୍ନାତକୋତ୍ତର ଏବଂ ମଧୁସୂଦନ ଆଇନ କଲେଜରୁ ଆଇନରେ ଡିଗ୍ରୀ ହାସଲ କଲି। ୧୯୭୮ମସିହାରୁ ଭୁବନେଶ୍ୱର କୋର୍ଟରେ ଓକିଲାତି ଆରମ୍ଭ କରିଥିଲି। ମୋ ଦ୍ୱାରା ରଚିତ କେତୋଟି ଗୀତରେ ପ୍ରଣବ ପଟ୍ଟନାୟକ, ମହମ୍ମଦ ସିକନ୍ଦର ଆଲାମ, ଆରତି ମିଶ୍ର, ଅତୀଶ୍ କୁମାର ମଜୁମଦାର, ବିଶ୍ୱନାଥ ରାଓ, ତୃପ୍ତି ଦାସ, ସୁବାସ ଦାଶ, ତପୁ ମିଶ୍ର, କୁମାର ବାପି, କରୁଣାକର, ଶଶାଙ୍କ ଶେଖର, ଇରା ମହାନ୍ତି, କ୍ଷିତୀପ୍ରକାଶ ମହାପାତ୍ର ଏବଂ ଅନନ୍ୟା ଶ୍ରୀତମ୍ ନନ୍ଦ ପ୍ରମୁଖ କଣ୍ଠଶିଳ୍ପୀ ଗୀତ ଗାଇଛନ୍ତି। 'ମାଣିକ ଚଳଚ୍ଚିତ୍ର'ର ଗୀତ 'ମଥାରେ ସିନ୍ଦୂର ଆଖିରେ କଜ୍ଜଳ ସୁନା ଗୋରୀ..' ଗୀତକୁ କଣ୍ଠଶିଳ୍ପୀ ବାଣୀ ଜୟରାମ କଣ୍ଠଦାନ କରିଥିଲେ। ସେହିପରି
ପ୍ରଣବ ପଟ୍ଟନାୟକ ଗାଇଥିବା ଏଚ୍.ଏମ୍.ଭି. ରେକର୍ଡ ଗୀତ–
'ହେ ମିତା, ହେ ଲିତା, ଝୁମି ଝୁମି ନିଶାରେ ଚାଲେ ସିଏ..'
ପୁଣି ମହାସତୀ ସାବିତ୍ରୀ ଚଳଚ୍ଚିତ୍ରରେ ଅନୁରାଧା ପୋଡୱାଲ ଗାଇଥିବା ଗୀତ 'ଉମା ପାଇଁ ଶଙ୍କର.., ଗୌରୀ ପାଇଁ ହର' ଗୀତ ସେତେବେଳେ ଖୁବ୍ ଆଦୃତ ହୋଇଥିଲା। ମୋର ମନେପଡୁଛି ଥରେ ଶାନ୍ତନୁ ମହାପାତ୍ର ମୋତେ କହିଥିଲେ ଏମିତି ଗୋଟିଏ ଗୀତ ଲେଖ ଯେମିତିକି ସେଥିରେ ଅନେକ ଝିଅଙ୍କ ନାଁ ଥିବ। ପୁଣି ଶେଷରେ ସମସ୍ତେ ଧୋକା ଦେଇ ଚାଲି ଯାଇଥିବେ। ଏଭଳି ଗୀତ ଲେଖିବାକୁ ମୋତେ ବହୁତ କଷ୍ଟ ହୋଇଥିଲା। ପ୍ରଥମେ ମୁଁ ଶହେ ଜଣ ଝିଅଙ୍କ ନାଆଁ ଲେଖିଥିଲି। ଲେଖିବା ପରେ ଦେଖିଲି ଅଧିକାଂଶ ନାଆଁ ଆମ ପରିବାର ଝିଅମାନଙ୍କର ଥିଲା। ତା'ପରେ ଗୀତଟି ଲେଖିଲି। ଗୀତଟି ଲେଖିବାବେଳେ ବେଶ୍ ମଜା ଲାଗିଥିଲା। ଶାନ୍ତନୁ ମହାପାତ୍ର ଓ ପ୍ରଣବ ପଟ୍ଟନାୟକଙ୍କୁ ଗୀତଟି ଖୁବ୍ ପସନ୍ଦ ଆସିଥିଲା । ସେହି ବର୍ଷ ମୁକ୍ତିଲାଭ କରିଥିବା ଗ୍ରାମୋଫୋନ୍ ରେକର୍ଡ ଭିତରୁ ମୋର ଏହି ଗୀତଟି ହେ ମିତା, ହେ ଲିତା" ପ୍ରଥମ ଗ୍ରାମୋଫୋନ୍ ରେକର୍ଡ ଗୀତ ଖୁବ ଲୋକପ୍ରିୟ ହୋଇଥିଲା। ତେବେ କେବଳ ଗୀତିକବିତା ନୁହେଁ, ମୋର ଅନେକ ନାଟକ ମଧ୍ୟ ଆକାଶବାଣୀରୁ ପ୍ରସାରିତ ହୋଇ ଲୋକପ୍ରିୟତା ହାସଲ କରିଥିଲା। ଦୁଇଟି ଆଧୁନିକ ଗୀତିକବିତା ସଙ୍କଳନ ଯଥା ''ମୁଁ ନୁହଁ ସେଇ ଜହ୍ନ ଓ ଅଫେରା ଫଗୁଣ'' ଏବଂ ଭକ୍ତିଗୀତ ସଙ୍କଳନ 'କୃପାଜଳ ଦିଅ ବରଷି' ପାଠକମାନଙ୍କ ଦ୍ୱାରା ବେଶ୍ ଆଦୃତ ହୋଇଛି। ଗୀତ ଲେଖିବା ସଙ୍ଗେସଙ୍ଗେ ଗୀତଗୁଡ଼ିକରେ ଆବଶ୍ୟକ ସ୍ୱରସଂଯୋଜନା କରିବାରେ ମୋର ଅଭିଜ୍ଞତା ରହିଛି। ମୋ ଦ୍ୱାରା ରଚିତ ଏବଂ ସ୍ୱର ସଂଯୋଜନାରେ ମୁକ୍ତିଲାଭ କରିଥିବା କେତେକ ଗ୍ରାମଫୋନ୍ ରେକର୍ଡ କ୍ୟାସେଟ୍ ଏବଂ ସିଡୀ ଶ୍ରୋତାମହଲରେ ବେଶ୍ ଲୋକପ୍ରିୟ ହୋଇପାରିଥିଲା। ଏହି ସାରସ୍ୱତ ସାଧନାରେ ସଫଳତା ଯୋଗୁ ଅନେକ ପୁରସ୍କାର ଓ ସମ୍ମାନରେ ସମ୍ମାନିତ ହୋଇଛି। ତେବେ ମୋର ପରିବାର କହିଲେ ପୁଅ, ଝିଅ ଓ ପତ୍ନୀ। ହେଲେ ୨୦୧୫ରେ ମୋ ସହଧର୍ମିଣୀଙ୍କ ବିୟୋଗ ଘଟିଛି। ଶେଷରେ ଏତିକି କହିବି ଅନୁଭବ ବିନା ଗୀତ ଲେଖାଯାଇ ପାରେନା, ହୃଦୟର ଅନୁଭୂତିରୁ ଗୀତ ଲେଖିବାକୁ ଆପେଆପେ ଭାବନା ଜାଗ୍ରତ ହୋଇଥାଏ। ଗୀତକୁ ସ୍ୱର, ଲୟ, ତାଳ ଓ ଛାନ୍ଦରେ କଣ୍ଠଦାନ କରାଯାଇଥାଏ। ଯାହା କଳାପ୍ରେମୀଙ୍କ ହୃଦୟକୁ ଛୁଇଁଥାଏ।

–ବନବିହାରୀ ବେହେରା












# ପଟିଆରେ ବର୍ଷା

–ବାସୁଦେବ ପ୍ରଧାନ

ମୌସୁମୀ ଦେଓମାଳି
ମାଲ୍ୟବନ୍ତ ଛୁଇଁଲେ
ପଟିଆରେ ବର୍ଷା ହୁଏ ।
ଧଳା ଧଳା ମେଘସବୁ
ଦିଶନ୍ତି ଘନକଳା ।
ଉଦୁଉଦିଆ ଖରାବେଳ
ଦିଶେ କିଟିମିଟି ଅନ୍ଧାର ।
ତମ ପାଦର ପାଉଁଜି ଶବ୍ଦରେ
ମୟୂର ନାଚେ,
ଇନ୍ଦ୍ରଧନୁ ବୁଣେ ସାତରଙ୍ଗ ।
ଶିଖରଚଣ୍ଡୀରୁ ନନ୍ଦନକାନନ ରାସ୍ତା ସବୁ ପାଣି
ସରସର ।
ତମର ସାମ୍ନା ନିମ୍ବଗଛରେ
ଦୋହଲୁଥାଏ ବାଇଚଢେଇର ବସା,
ଝିଙ୍କାରି ଗାଉଥାଏ ମେଘମହ୍ଲାର
ଭଲ ଲାଗେ ଭାରୀ ଭଲଲାଗେ ମତେ
ପଟିଆରେ ବର୍ଷା ।

– ଇନ୍ଦ୍ରପ୍ରସ୍ଥ,
ପୋଖରୀପୁଟ, ଭୁବନେଶ୍ୱର–୨୦
ମୋ: ୯୪୩୭୩୦୫୦୪୫

# ପାଞ୍ଚଗୋଟି ଏକପଦୀ

–ଭରତ ଚନ୍ଦ୍ର ଦାଶ

**ଏକ**

ତନୁ ମନ ପ୍ରାଣ ପୂର୍ଣ୍ଣ ସମର୍ପଣ
ସବୁ ଦାନ ପରେ ନିଃସ୍ୱ
ତୁମେ ଥିଲେ ପାଶେ ଶ୍ରୀତନୁ ପରଶେ
ଆପଣାର ମଣେ ବିଶ୍ୱ ।

**ଦୁଇ**

ବରଷା ଆସିଛି ତୁମ ଗାଆଁ ଦେଇ
ଛୁଇଁଛି ତୁମରି ଦେହ
ପ୍ରଣୟୀର ବିନା ବରଷା ରାତିରେ
କେମିତି ରହୁଛ କୁହ ।

**ତିନି**

ମରଣ ଆସେନି ବରିବାକୁ ମୋତେ
ପ୍ରଣୟର ମାଳା ଧରି
ବରିଥିଲ ତୁମେ ପ୍ରୀତିଗନ୍ଧା ଆଗୋ
ବାସ ଯେ ଯାଉଛି ଝରି ।

**ଚାରି**

ପ୍ରୀତି ମୋ ଜୀବନ ପ୍ରୀତି ମୋ ମରଣ
ଜୀବନ ରଚଇ ପ୍ରୀତି
ଅଛି ବୋଲି ପ୍ରୀତି ଉଜ୍ଜୀବିତ ସ୍ମୃତି
ପ୍ରୀତିର ଥାଏ କି ଇତି ।

**ପାଞ୍ଚ**

ପ୍ରୀତି ଗାଥା ମୋର ସୃଜନେ ଭାସ୍ୱର
କାଳରେ ଅଲିଭା ସ୍ମୃତି
ସମର୍ପଣ ଭାବ ପ୍ରୀତିର ବିଭବ
କଳାର ଅକ୍ଷୟ କୀର୍ତ୍ତି ।

– ମାର୍କୋଣା, ବାଲେଶ୍ୱର
ମୋ: ୯୪୩୭୩୭୨୧୬୬

# କିଛି ରହିଗଲା କି

– ସୁଷମା ପରିଜା

**(ଏକ)**

ତିନି ମାସର କଅଁଳା ଛୁଆକୁ ଧାଈ କମଳା ଜିମ୍ମାରେ ଛାଡ଼ି ତରତର ଅଫିସ୍ ବାହାରୁଥିଲା ମାନିନୀ । ଅଟୋ ରିକ୍ସାରେ ବସିବାକୁ ଯାଉଥିବା ବେଳେ କମଳା ପଚାରିଲା .. ଆଉ ଥରେ ଭଲ କରି ଦେଖି ନିଅନ୍ତୁ ନାନୀ ! କିଛି ରହି ଯାଇନି ତ, ଟିଫିନ୍ ବାକ୍ସ, ପର୍ସ, ଚାବି ସବୁ ନେଇଛନ୍ତି ନା' ? ମାନିନୀର ଆଖି ଛଳଛଳେଇ ଯାଉଥିଲା ଲୁହରେ .. ଏବେ ସେ କେମିତି ଅବା କହିପାରିବ... ପଇସା ପଛରେ ଦୌଡ଼ି ଦୌଡ଼ି, ସବୁ ସୁଖ ପାଇବାର ଇଚ୍ଛା ନେଇ, ଏସବୁ ଯାହା ପାଇଁ କରୁଛି, ସିଏ ତ' ରହିଗଲା ତୁମ ପାଖରେ !

**(ଦୁଇ)**

ସରକାରୀ ଅଫିସ୍‌ରେ କିରାଣୀ ଥିବା ରତ୍ନାକର ବାବୁ ବହୁତ ଆଶା ରଖି ପୁଅ ତାରାକାନ୍ତକୁ ଇଞ୍ଜିନିୟରିଂ ପଢେଇବା ପାଇଁ ବେଙ୍ଗାଲୁରୁ ପଠେଇଥିଲେ । ପୁଅ ସେଠାରୁ ପାଶ୍ କରିବା ପରେ ଉଚ୍ଚ ଦରମାର ଚାକିରୀ ଟିଏ ପାଇ ଚାଲିଗଲା ଆମେରିକା । ସେଠାରେ ସ୍ଥାନୀୟ ଝିଅକୁ ବାହା ହେଇ ସେଇଠି ରହିଗଲା । ବହୁଦିନ ପରେ ନାତିକୁ ଦେଖିବାକୁ ବହୁତ କଷ୍ଟରେ ବିଦେଶ ଯାଇ ମାସଟିଏ ପରେ ନିଜ ଗାଁକୁ ଫେରିବା ବେଳେ ପୁଅ ତାରାକାନ୍ତ ପଚାରିଲା, ବାପା ! ଭଲ କରି ଦେଖି ନିଅ,ଆଉ କିଛି ରହି ଯାଇନି ତ ? ରତ୍ନାକର ବାବୁ ଭାବୁଥିଲେ... କି ଉତ୍ତର ଦେବେ ସେ ତାରାକାନ୍ତକୁ ? ତାଙ୍କ ସାରା ଜୀବନର ସ୍ୱପ୍ନ, ତାଙ୍କ ସାରା ଜୀବନର ଧ୍ୟେୟ, ସବୁକିଛି ତ ରହିଗଲା ଏଇଠି ।

**(ତିନି)**

ଆଜି ଥିଲା ବୈକୁଣ୍ଠ ବାବୁଙ୍କ ଚାକିରୀର ଶେଷ ଦିନ। ସେବା ନିବୃତ୍ତିର ସମ୍ବର୍ଦ୍ଧନା ସଭା ସରିଯିବା ପରେ ବନ୍ଧୁ ମାନେ ଫେରି ଯାଇଥିଲେ ଯିଏ ଯାହାର ସିଟ୍ ପାଖକୁ। ବୈକୁଣ୍ଠ ବାବୁ ତଳକୁ ମୁହଁ ପୋତି ଚୁପ୍‌ଚାପ୍ ହୋଇ ବସି ରହିଥିଲେ ନିଜ ସିଟ୍‌ରେ। ସନ୍ଧ୍ୟା ଗଡିଗଲା ପରେ ତାଙ୍କୁ ଭାବନାରେ ମଗ୍ନ ଥିବା ଦେଖି ଚପରାଶି ବଟ ମନେ ପକାଇ ଦେଲା, ସାର୍, ଏମିତି ସ୍ଥିର ହୋଇ ବସି ରହିଛନ୍ତି କ'ଣ ? ଫାଇଲ୍ ଥାକ ଏବଂ ଟେବୁଲ୍‌ର ଡ୍ରୟାର୍ ଖୋଲି ଟିକିଏ ଭଲ କରି ଦେଖି ନିଅନ୍ତୁ ନା', ଆପଣଙ୍କର ଆଉ କିଛି ସେଠି ରହି ଯାଇନି ତ ? ବଟକୁ କଣ ବା ଉତ୍ତର ଦେବେ ବୁଝି ପାରୁ ନ ଥିଲେ ବୈକୁଣ୍ଠ ବାବୁ। ସେ କେମିତି ବୁଝାଇବେ ବଟକୁ ଯେ ତାଙ୍କ ଜୀବନର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ସମୟର ସଇଁତିରିଶ ବର୍ଷ ସମୟ ତ' ଏଇ ଅଫିସ୍‌ରେ ରହିଗଲା।

**(ଚାରି)**

ବାପାଙ୍କ ଶବକୁ ମୁଖାଗ୍ନି ଦେଇ ମଶାଣିରୁ ଘରକୁ ଫେରିଲାବେଳେ ସମସ୍ତେ ମନା କରିଥିଲେ ପଛକୁ ବୁଲି ଚାହିଁବୁ ନାହିଁ। ତଥାପି ଲକ୍ଷ୍ମୀଧର ଅଧାବାଟରୁ ମୁଣ୍ଡକୁ ବୁଲେଇ ପଛକୁ ଅନେଇଲା। ଜୁଇ ଉପରେ ତା' ପ୍ରିୟ ବାପାଙ୍କର ଚିତା ହୁ ହୁ ଜଳୁଥିବାର ଦେଖି ମନଟା ଦୁଃଖରେ ଆଉଟୁପାଉଟୁ ହୋଇଗଲା। ସବୁ କଟକଣା ଭୁଲି ସେ ଦୌଡ଼ିଗଲା ପଛକୁ ଆଉ ଜଳୁଥିବା ଚିତାରେ ବାପାଙ୍କର ଚେହେରାକୁ ଖୋଜିବାର ଅସଫଳ ପ୍ରୟାସ କଲା। ସେଠାରେ ଉପସ୍ଥିତ ଥିବା ବଡମାନଙ୍କର ତାଡନାରେ ଫେରିଆସିବା ବେଳେ ସାଙ୍ଗମାନେ ପଚାରିଲେ, କିଛି ରହି ଯାଇଥିଲା ନା' କଣ ? ଅଶ୍ରୁଳ ଆଖିରେ ସେ କହିଲା, ନାଇଁରେ ଭାଇ, କିଛି ବି ରହିଲାନି, ସବୁ କିଛି ସରିଗଲା। ଆଉ ଯାହା ରହିଗଲା ତାହା ତ' ଚିରକାଳ ମୋ' ହୃଦୟ ଭିତରେ ରହିବ।

–ଶାରଳା ଭବନ, ପୋତାପୋଖରୀ
ନୂଆବଜାର, କଟକ, ୭୫୩୦୦୪, ମୋ:୯୩୩୭୨୭୨୬୪୭



# ଏଣୁ ମାରିଲେ...

ଏଣୁ ମାରିଲେ ଗୋ ହତ୍ୟା ତେଣୁ ମାରିଲେ ବ୍ରହ୍ମ ହତ୍ୟା। ଏପରି ପରିସ୍ଥିତିକୁ ମୁକାବିଲା କରିବା ଏତେ ସହଜ କଥା ନୁହେଁ। ଆଉ ସେଥିରୁ ବା କିଆରା ଆଡଭାନୀ ବାଦ୍ ପଡନ୍ତେ କିପରି? କଥା କ'ଣ କି ନିକଟରେ ଜଣେ ନୂଆ ପ୍ରଯୋଜକ ତାଙ୍କୁ ସାଇନ୍ କରିବାକୁ ଯାଇଥିଲେ। ଏହି ପ୍ରୋଜେକ୍ଟର କାହାଣୀ ଏବଂ ସେଥିରେ ନିଜ ଭୂମିକା ସମ୍ପର୍କରେ କିଆରା ବେଶ୍ ଭଲ ଭାବରେ ଅବଗତ ହୋଇଥିଲେ। ହେଲେ ଗୋଟିଏ କଥା ଲାଗି ପ୍ରୋଜେକ୍ଟଟି ଅଧାରେ ଲଟକି ରହିଛି। ଶୁଣିବାକୁ ମିଳୁଛି ଯେ ଏହି ଭୂମିକା ପାଇଁ କିଆରା କୁଆଡେ ଡବଲ ପାରିଶ୍ରମିକ ଡିମାଣ୍ଡ କରୁଛନ୍ତି। କାରଣ ଏଥିରେ ତାଙ୍କୁ ବେଶ୍ କେତୋଟି ଗରମା ଗରମ ଶଟ୍ ଦେବାକୁ ପଡିବ। ସେଥିପାଇଁ ସେ ପାରିଶ୍ରମିକକୁ ଏକାଥରେ ଦୁଇ ଗୁଣା କରିଦେଇଛନ୍ତି। ଯେତେବେଳେ ଏହି କଥା କିଆରାଙ୍କ କାନରେ ପଡିଲା ସେ ବା କେମିତି ଚୁପ୍ ହୋଇ ବସିପାରନ୍ତେ ? ଏଭଳି ବିଷୟକୁ ନେଇ ସଫେଇ ଦେଇଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ନୂଆ ସିନେମାର କାହାଣୀ ମୋ ମନକୁ ଛୁଇଁଛି। ଏଥିରେ ମୋତେ କେତୋଟି ବୋଲ୍ଡ ଶଟ୍ ଦେବାକୁ ପଡିବ। ସେଥିପାଇଁ ମୋତେ ଅଧିକ ପାରିଶ୍ରମିକ ଦେବାକୁ ପ୍ରଯୋଜକ ନିଜ ପଟରୁ ସୂଚନା ଦେଇଛନ୍ତି। ହେଲେ ଯାହା ଆଲୋଚନା ହେଉଛି ଯେ, ଏହି ଫିଲ୍ମ ପାଇଁ ମୁଁ ମୋ ପାରିଶ୍ରମିକ ବଢ଼ାଇ ଦେଇଛି ତାହା ଆଦୌ ସତ ନୁହେଁ। ମୁଁ ଯେ ମୋର ରେମ୍ୟୁନିରେଶନକୁ ଏକାଥରେ ଡବଲ କରିଦେବି ଏକଥା କଦାପି ସମ୍ଭବ ନୁହେଁ।



କିଆରା



ମନୋଜ

## ସାରାରାତି ଅନିଦ୍ରା

ମନୋଜ ବାଜପାୟୀ ଅଭିନୟରେ କେତେ ଦକ୍ଷ ତାହା କହିବା ବାହୁଲ୍ୟ। କିନ୍ତୁ ଯେତେବେଳେ ସେ ବଲିଉଡ୍‌ରେ ଏଣ୍ଟ୍ରି କଲେ ସେତେବେଳେ ତାଙ୍କୁ ବେଶ୍ ସଂଘର୍ଷ କରିବାକୁ ପଡିଥିଲା। ପ୍ରତିଟି ରୋଲ୍‌କୁ ସେ ଗମ୍ଭୀରତାର ସହ ନେଉଥିଲେ। ଆଉ ସେଥିପାଇଁ ଯେଉଁ ଭୂମିକା ହେଉ ନା କାହିଁକି ତାହାକୁ ସେ ବେଶ୍ ସୂଚାରୁ ରୂପେ ତୁଲାଇ ପାରୁଥିଲେ। କିନ୍ତୁ ନିଜ ଅଭିନୟ କ୍ୟାରିୟରର ପ୍ରାରମ୍ଭିକ ସ୍ତରରେ କେତୋଟି ନୂଆ ପ୍ରୋଜେକ୍ଟ ତାଙ୍କୁ ଚିନ୍ତାଗ୍ରସ୍ତ କରିଦେଇଥିଲା। କାରଣ ସେହି ଭୂମିକାକୁ ସେ କିପରି ଜଷ୍ଟିସ୍ ଦେବେ ସେନେଇ ଯୋଜନା ପ୍ରସ୍ତୁତ କରିବା ବେଳେ ଅନେକ ସମୟରେ ସେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ମନୋଜ କହନ୍ତି, 'କେତୋଟି ପ୍ରୋଜେକ୍ଟ ବିଷୟରେ ଚିନ୍ତା କରିବା ସମୟରେ ମୁଁ ଟିକେ ବ୍ୟତିବ୍ୟସ୍ତ ହୋଇପଡିଥିଲି। କାରଣ ସେଗୁଡିକରେ ନିଜର ଭୂମିକା ସେହିପରି ଥିଲା, ଯାହାକୁ କଦାପି ହାଲ୍‌କା ଭାବରେ ନିଆଯାଇ ପାରେନା। ତେଣୁ କେତେ ଥର ମୁଁ ସାରା ରାତି ଶୋଇପାରିନି। ପରବର୍ତ୍ତୀ ସମୟରେ ଏଥିଲାଗି ନିଜକୁ ମାନସିକ ସ୍ତରରେ ପ୍ରସ୍ତୁତ କରିନେଉଥିଲି। ହେଲେ ସେତେବେଳର ସେହି ସାରା ରାତି ଉଜାଗର ରହିବାକୁ ମୁଁ ଏ ଯାଏ ଭୁଲି ପାରୁନି।'



ତାପସୀ

## କୁଲ୍ କୁଲ୍ ତାପସୀ

ତାପସୀ ପାନ୍ନୁଙ୍କ ବୁଦ୍ଧିକୁ ନିଶ୍ଚୟ ମାନିବାକୁ ପଡିବ। କେତେବେଳେ କେଉଁ କଥାକୁ କିପରି ହ୍ୟାଣ୍ଡେଲ କରିବାକୁ ପଡେ ତାହାର କାଇଦା ତାଙ୍କୁ ଭଲ ଭାବରେ ଜଣା। ନିଜର କ୍ୟାରିୟରକୁ ନେଇ ଆପଣ ଯେତେ ଅଙ୍କାବଙ୍କା ପ୍ରଶ୍ନ ପଚାରନ୍ତୁ ନା କାହିଁକି ସେ ଜମାରୁ ବ୍ୟତିବ୍ୟସ୍ତ ହେଉନାହାନ୍ତି। ନିକଟରେ ଏକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ଅବସରରେ ତାଙ୍କର କେତେଜଣ ସାମ୍ବାଦିକଙ୍କ ସହ ସାମ୍ନା ସାମ୍ନି ହୋଇଯାଇଥିଲା। ସେମାନେ ଯେଉଁ ପ୍ରଶ୍ନସବୁ ପଚାରିଲେ ସେଗୁଡିକର ଉତ୍ତର ତାପସୀ ବେଶ୍ ଥଣ୍ଡା ମିଜାସ୍‌ରେ ଦେଇଥିଲେ। ଏନେଇ ସେ କହନ୍ତି, 'ମୁଁ ଯେତେବେଳେ ସାମ୍ବାଦିକମାନଙ୍କୁ ସାମ୍ନା କରେ ସେତେବେଳେ ଆଦୌ ବିବ୍ରତ ନ ହୋଇ ସବୁ ପ୍ରଶ୍ନର ଉତ୍ତର ଦେଇଥାଏ। ଆପଣମାନେ ତ ଜାଣିଛନ୍ତି ଏବେ ମୁଁ ରାଜକୁମାର ହିରାନୀଙ୍କ ଆଗାମୀ ଫିଲ୍ମ 'ଡଙ୍କି'ରେ ଅଭିନୟ କରିବାକୁ ଯାଉଛି। ଏଥିରେ ମୋର ନାୟକ ସାଜିଛନ୍ତି ଶାହରୁଖ। ତାଙ୍କ ପରି ନାମୀ ଅଭିନେତାଙ୍କ ସହ ଅଭିନୟ କରିବାର ସୁଯୋଗ ଭାଗ୍ୟରେ ଥିଲେ ମିଳେ। ସେ ହେଉଛନ୍ତି ମୋର ମୋଷ୍ଟ ଫେଭରାଇଟ୍ ଆକ୍ଟର।'



ହୁମା

## ହୁମାଙ୍କ ମନ କଥା

ହୁମା କୁରେସିଙ୍କ ବ୍ୟକ୍ତିଗତ ଜୀବନର କୌଣସି ଘଟଣା ଉପରେ ଏଠାରେ ସୂଚନା ଦିଆଯାଉନାହିଁ। ତେବେ ଏଭଳି କଥାର ସମ୍ପର୍କ ତାଙ୍କର ଅଭିନୟ ସହ ରହିଛି। ଅର୍ଥାତ୍, ଆକ୍ଟିଂକୁ ନେଇ ତାଙ୍କ ମନରେ ଅନେକ ପ୍ରଶ୍ନ ଅସମାଧିତ ହୋଇ ରହିଯାଇଥିଲା। ତେଣୁ ସେ ଏଗୁଡିକର ଉତ୍ତର ଖୋଜିବୁଲୁଥିଲେ। ଏକଦା ତାଙ୍କର ଅନ୍ୟତମ ନାମୀ ନିର୍ଦ୍ଦେଶିକା ଦୀପା ମେହେଟ୍ଟାଙ୍କ ସହ ଭେଟ ହୋଇଥିଲା। ବାସ୍, ତା'ପରେ ସତେଯେମିତି ସେ ଯାହା ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଥିଲା। ଏ ନେଇ ହୁମା କହନ୍ତି, 'ଦୀପା ମ୍ୟାଡାମଙ୍କ ସହ ମୋର ଥରେ ଭେଟ ହୋଇଥିଲା। ଆଉ ମୁଁ ତାଙ୍କୁ ମୋ ମନର କଥା କହିବାପରେ ସେ ମୋର ପ୍ରାୟ ସବୁ ସମସ୍ୟାର ସମାଧାନ କରିଦେଇଥିଲେ। ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା କମ୍ ହେବ। ବର୍ତ୍ତମାନ ମୁଁ ୱେବ୍ ସିରିଜ ଦୁନିଆରେ ପାଦ ଦେଇଛି। ମୋ ମତରେ ଦର୍ଶକଙ୍କ ନିକଟତର ହେବାର ଏହା ହେଉଛି ଏକ ସୁନ୍ଦର ମାଧ୍ୟମ।' ନିକଟରେ ନୂଆ ସିନେମା 'ତର୍‌ଲା'ର ଶୁଟିଂ ଶେଷ କରି ହୁମା ଫେରିଛନ୍ତି। ଅପରପକ୍ଷେ ସୋନାକ୍ଷୀ ଅଭିନୟ କରୁଥିବା ଫିଲ୍ମ 'ଡବଲ ଏକ୍ସଏଲ୍' ଚଳଚ୍ଚିତ୍ରରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିବ।

# ବଡ ପରଦାରେ ଦୀପ୍ତି


କଥାରେ ଅଛି- ଏମନ ଖୋଜୁଥାଏ ଯାହା କାଳେ ପ୍ରାପତ ହୁଏ ତାହା। କଥା କ'ଣ କି ଯେଉଁ କଥାକୁ ନେଇ ଅନେକ ଦିନ ହେଲା ସେ ଆଶା ବାନ୍ଧି ବସିଥିଲେ ତାହା ପୂରଣ ହୋଇଛି। ସେ ହେଲେ ଦୀପ୍ତି। ବେଶ୍ କେତୋଟି ମ୍ୟୁଜିକ୍ ଭିଡିଓରେ ଅଭିନୟ କରିବା ପରେ ସେ ଏବେ ତାଙ୍କର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ବିଶେଷଭାବରେ ବିଶ୍ୱଜିତ ସାହୁଙ୍କ ପ୍ରଯୋଜିତ ଏବଂ ବାବୁଙ୍କ ନିର୍ଦ୍ଦେଶନାରେ 'ରେ ମୋ ଧନ' ମ୍ୟୁଜିକ ଆଲବମ୍‌ର ଦ୍ୱିତୀୟ ଭାଗ ସଫଳତା ତାଙ୍କର ଭାଗ୍ୟ ଖୋଲିଦେଇଛି କହିଲେ ଭୁଲ ହେବ ନାହିଁ। ଏହାପୂର୍ବରୁ ଦୀପ୍ତି ବେଶ୍ କେତୋଟି ସମ୍ବଲପୁରୀ ଏବଂ ଛତିଶଗଡି ଧାରାବାହିକରେ ଅଭିନୟ କରିସାରିଛନ୍ତି। ନିଜ ସଫଳତା ସମ୍ପର୍କରେ ସେ କହନ୍ତି, 'ମ୍ୟୁଜିକ ଆଲବମ ଏବଂ ଧାରାବାହିକରେ ଅଭିନୟ କରିବା ପରେ ଚଳଚ୍ଚିତ୍ରରେ ମୋତେ କେବେ ସୁଯୋଗ ମିଳିବ ସେ ନେଇ ଆଶା ରଖିଥିଲି। ଏବେ ଏକ ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରସ୍ତୁତ ହେବାକୁ ଯାଉଥିବା ଏକ ଅନ୍‌ଟାଇଟଲଡ୍ ଚଳଚ୍ଚିତ୍ରରେ ମୋତେ ଅଭିନୟ କରିବାର ସୁଯୋଗ ମିଳିଛି। ଯେତେବେଳେ ମୋତେ ଏ ନେଇ ଅଫର ଦିଆଗଲା ସେତେବେଳେ ଭଲ ଭାବରେ ଚିନ୍ତା କରି ହଁ ଭରିଥିଲି। ଆଶା ରଖିଛି, ବଡ ପରଦାରେ ମଧ୍ୟ ମୋ ଅଭିନୟକୁ ଦର୍ଶକ ପସନ୍ଦ କରିବେ।' ତେବେ ଫିଲ୍ମ ଜଗତରେ ଦୀପ୍ତି କେତେ ସଫଳ ହେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।



ଦୀପ୍ତି

# ପୁଣି ଥରେ ଆକ୍ସନ

ବଲିଉଡ୍‌ର ୟଙ୍ଗ ସନ୍‌ସେସନ୍ ଟାଇଗର ଶ୍ରଫ। ନାମ ଯେମିତି କାମ ବି ସେମିତି। ମାତ୍ର କେତୋଟି ବର୍ଷ ଭିତରେ ସେ ନିଜକୁ ଜଣେ ଆକ୍ସନ ଷ୍ଟାର ଭାବରେ ପରିଚିତ କରାଇ ସାରିଲେଣି। କେହି କେହି ତାଙ୍କୁ ଆଗାମୀ ଦିନର ସୁପରଷ୍ଟାର ଭାବରେ ମଧ୍ୟ ସମ୍ବୋଧନ କରୁଛନ୍ତି। ଏବେ ସେ ପୁଣି ଥରେ ଆଲୋଚନାର କେନ୍ଦ୍ର ବିନ୍ଦୁ ସାଜିଛନ୍ତି। କଥାରେ ପରା ଅଛି-ମଲୁ ଖୋଜୁଥିଲା ଯାହା ବଇଦ ବତାଇଲା ତାହା। ଦେଖୁନାହାନ୍ତି, ଯେପରି ଏକ ଆକ୍ସନ ପ୍ଲଟ ସେ ଖୋଜୁଥିଲେ ତାହା ତାଙ୍କୁ ମିଳିଯାଇଛି। ଏଭଳି କାହାଣୀକୁ ନେଇ ସିନେମାଟିଏ ନିର୍ଦ୍ଦେଶନା ଦେବେ ଶଶାଙ୍କ ଖୈତାନ। ଯେତେବେଳେ ଏହି ଫିଲ୍ମର ଲିଡ୍ ରୋଲ୍‌ରେ କିଏ ଅଭିନୟ କରିବେ ସେ ନେଇ ନିର୍ଦ୍ଦେଶକ ଚିନ୍ତାରେ ଥିଲେ ଠିକ୍ ସେତିକି ବେଳକୁ ଟାଇଗରଙ୍କ ନାମ ତାଙ୍କ ମନକୁ ଆସିଥିଲା। ବାସ୍, ବିଳମ୍ବ ନ କରି ତାଙ୍କୁ ଯୋଗାଯୋଗ କରାଯାଇଥିଲା ଏବଂ ଟାଇଗର ମଧ୍ୟ ଏ ନେଇ ନିଜର ସମ୍ମତି ପ୍ରଦାନ କରିସାରିଛନ୍ତି। ଏ ସମ୍ପର୍କରେ ସେ କହନ୍ତି, 'ମୁଁ ସବୁବେଳେ ଭଲ ଭଲ ତଥା ଦର୍ଶକଙ୍କ ମନକୁ ଛୁଇଁଲା ଭଳି ଆକ୍ସନ ସିନେମାରେ ଅଭିନୟ କରିବାକୁ ପସନ୍ଦ କରିଥାଏ। ଏହି ନୂଆ ଫିଲ୍ମଟିରେ ଦର୍ଶକଙ୍କୁ ପ୍ରଭାବିତ କରିବା ଭଳି ମସଲା ଭରି ରହିଛି।'



ଟାଇଗର

# ଇସାରାରେ ଅଛି ଅନେକ କଥା, ଭାବନାରେ ଘୁରି ଯାଉଛି ମଥା

**ପ୍ରଶ୍ନ-**ସେହି ସୁନ୍ଦରୀର ଲାଜରେ ପ୍ରେମର ଇସାରା ପାଇବା ପରେ ଆଗେଇଥିଲି। ହେଲେ ସେ ମୋତେ ସତରେ ଭଲ ପାଉଛି କି ନାହିଁ କେମିତି ଜାଣିବି ?

-ପ୍ରମୋଦ କୁମାର, ଢେଙ୍କାନାଳ

**ଉତ୍ତର:** ସେହି ସୁନ୍ଦରୀର ପ୍ରଥମ ଇସାରାରେ ସତେ ଯେମିତି ପ୍ରେମର ପହିଲି ପୁଲକ ଲୁଚି ରହିଥିଲା। କାରଣ ଇସାରା ଅନେକ କଥା କହିଥାଏ। ତାକୁ ଠିକ୍ ଭାବରେ ତର୍ଜମା କରିପାରିଲେ ହେଲା। 'ଇସାରାରେ ଅଛି ଅନେକ କଥା, ଭାବନାରେ ଘୁରି ଯାଉଛି ମଥା।' ସେ ଆପଣଙ୍କୁ ସତରେ ଭଲ ପାଉଛି କି ନାହିଁ ସେଥିଲାଗି ଆପଣଙ୍କ ମନ ଉତାବିଳା ହେଉଛି। ଏ ନେଇ କେବେ ତା' ସହ କଥା ହୋଇଛନ୍ତି କି ? ଯଦି ହଁ, ତେବେ ଦୁହିଁଙ୍କ ପ୍ରେମର ଆରମ୍ଭ ବିଷୟରେ ସୂଚନା ତ ପାଇସାରିଥିବେ। ଏବେ ପୁଣି ପ୍ରେମକୁ ନେଇ ହଁ-ନାହିଁର ପ୍ରଶ୍ନ ମନରେ ଉଠିଲେ ଆପଣଙ୍କ ପ୍ରେମ ଗାଡି ଆଉ ଆଗେଇବ କ'ଣ ଗୋଟିଏ ଜାଗାରେ ସ୍ଥାଣୁ ହୋଇପଡିରହିବ। ତେଣୁ ଅବସ୍ଥା ଦେଖି ବ୍ୟବସ୍ଥା କରନ୍ତୁ।

**ପ୍ରଶ୍ନ-**ଯାହାକୁ ମୁଁ ମନ ପ୍ରାଣ ଦେଇ ପ୍ରେମ କରୁଥିଲି ସେ ଅଧା ବାଟରେ ମୋତେ ଧୋକା ଦେଇ ଚାଲିଗଲା। ଏବେ ମୁଁ ଆଉ ଜଣେ ଝିଅକୁ ଭଲ ପାଇବି ବୋଲି ଚିନ୍ତା କରୁଛି। ମୁଁ କିଛି ଭୁଲ ଚିନ୍ତା କରୁନାହିଁ ତ ?

-ଦୀପକ ଦାସ, ରାଉରକେଲା

**ଉତ୍ତର:** କଥାରେ ଅଛି-ଗତସ୍ୟ ଶୋଚନା ନାସ୍ତି। ତେଣୁ ଯାହା ଘଟିଯାଇଛି ତାକୁ ମନେ ପକେଇଲେ କି କଷ୍ଟ ହୁଏ ଅନୁଭବୀ ହିଁ ଜାଣେ। ତେଣୁ ସେ ପୁରୁଣା କଥାକୁ ପ୍ରଥମେ ମନରୁ ସମ୍ପୂର୍ଣ୍ଣ ଭାବେ ପୋଛିଦିଅନ୍ତୁ। କାରଣ ତାହାକୁ ଯେତେ ମନେ ପକାଇବେ ସେହି ବିରହ ନିଆଁରେ ସେତେ ଜଳୁଥିବେ। ତେଣୁ ପ୍ରଥମେ ସେହି ପ୍ରେମରେ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ଟାଣି ଦିଅନ୍ତୁ। ଯଦି ପୁଣି ଥରେ ପ୍ରେମ କରିବାକୁ ମନ ବଳାଇଛନ୍ତି ତେବେ ପୁରୁଣା ଭୁଲର ଯେମିତି ପୁନରାବୃତ୍ତି ନ ହୁଏ ସେ ନେଇ ନଜର ଦିଅନ୍ତୁ। ନ ହେଲେ ପୁଣି ପ୍ରଥମ ପ୍ରେମର ପରିସ୍ଥିତି ସୃଷ୍ଟି ନ ହେବ ତାହାର ଗ୍ୟାରେଣ୍ଟି କେହି ଦେଇପାରିବେ ନାହିଁ।

**ପ୍ରଶ୍ନ-**ମୋ ପ୍ରିୟା ସବୁବେଳେ ମୋ ଉପରେ ଅଭିମାନ କରୁଛି। ତାକୁ କିପରି ମନାଇବି ଜାଣିପାରୁନାହିଁ।

-ସୁମନ୍, ବାରିପଦା

**ଉତ୍ତର:**ଆପଣଙ୍କ ମନର ମାନସୀର ଅଭିମାନକୁ ଭଲ ଭାବରେ ପଢ଼ିବାକୁ ଚେଷ୍ଟା କରନ୍ତୁ। କାରଣ ଅନେକ ସମୟରେ ସେହି ଅଭିମାନରେ ମନର ଅନେକ କଥା ଲୁଚି ରହିଥାଏ। ସେ ସିନା ଅଭିମାନ କରିଛି, ହେଲେ ତା' ଲାଜରେ ଅନେକ କଥା ଲୁଚି ରହିଛି। ବାସ୍, ତା' ମନର ଭିତିରି କଥାକୁ ଭଲ ଭାବରେ ଲକ୍ଷ୍ୟ କରନ୍ତୁ। ଦେଖିବେ ସେହି ଅଭିମାନୀ ହସରେ ଆପଣଙ୍କ ପ୍ରେମର ଅସଲ ମଜା ଲୁଚି ରହିଛି।

**ପ୍ରଶ୍ନ-**ଯାହାକୁ ପ୍ରେମ କରୁଥିଲି ତାକୁ ବାହା ହୋଇଛି। ହେଲେ ଏବେ ଆଉ ଜଣେ ସୁନ୍ଦରୀ ମୋତେ ତା' ପ୍ରେମ ଜାଲରେ ବାନ୍ଧି ଦେଇଛି। କ'ଣ କରିବି ?

-ଅବିନାଶ ରାଉତ, ତାଳଚେର

**ଉତ୍ତର:** ଯାହାକୁ ଭଲ ପାଉଥିଲେ ତାହାକୁ ତ ଜୀବନ ସାଥୀ ଭାବରେ ଗ୍ରହଣ କରିସାରିଲେଣି। ଏବେ ପୁଣି ଆଉ ଜଣେ ସୁନ୍ଦରୀ ମାୟାରେ ପଡିଯାଇଛନ୍ତି। ଏହାର ଅର୍ଥ ଜାଣତରେ ହେଉ ଅବା ଅଜାଣତରେ ଆପଣ ନିଜ ଗୋଡରେ କୁରାଢ଼ି ମାରୁଛନ୍ତି। ଘର ସଂସାର କରିବା ପରେ ପୁଣି ଥରେ ପ୍ରେମ କାଦୁଅରେ ଗୋଡ ପୁରାଇବା ଅର୍ଥ ଅଯଥା ଟେନସନ୍‌କୁ ହାତ ଠାରି ଡାକିବା। ପୁଣି ଥରେ କାହା ପ୍ରେମ ଜାଲରେ ଫସିବାକୁ ଚେଷ୍ଟା କରନ୍ତୁ ନାହିଁ। ଯଦି ତା' ମାୟାଜାଲରେ ଥରେ ବନ୍ଧା ପଡିଗଲେ, ତେବେ କଥାଟି 'ବୁଡିଗଲା ଗୋଡ ତଳକୁ ତଳକୁ'ପରି ହେବ।



ସାଥୀ

ପ୍ରଥମ ରୋଜଗାର

## ମା' ଓ ଭଉଣୀଙ୍କୁ ଶାଢି ଦେଇଥିଲି



ଗୀତିକାର ତଥା ଗୋପବନ୍ଧୁ ଏକାଡେମୀରେ ଯୁଗ୍ମ ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ **ଡ. ମମତାରାଣୀ ନାୟକ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

ମୁଁ କେନ୍ଦୁଝର ମାଟିର ଝିଅ। ବସନ୍ତ ମଞ୍ଜରୀ ନାୟକ ଓ ଶୁକଦେବ ନାୟକଙ୍କର ମୁଁ ହେଉଛି ସପ୍ତମ ସନ୍ତାନ। ପାଞ୍ଚ ଭାଇ ଓ ଦୁଇ ଭଉଣୀ ଭିତରେ ସବୁଠାରୁ ସାନ ହୋଇଥିବାରୁ ସମସ୍ତଙ୍କର ଗେହ୍ଲା ହୋଇଥିଲି। ବାପା କୃଷି ବିଭାଗରେ ପ୍ରଥମେ ଭିଏଲ୍‌ଡବ୍ଲ୍ୟୁ ଓ ପରେ ପଦୋନ୍ନତି ପାଇ କୃଷି ବିଭାଗର ଅଫିସର୍ ଭାବେ କାର୍ଯ୍ୟରତ ଥିଲେ। କିନ୍ତୁ ସେତେବେଳେ ତାଙ୍କୁ ୫/୬ ମାସରେ ଥରେ ଦରମା ମିଳୁଥିଲା। ତେଣୁ ପିଲାବେଳ ଆମର ଆର୍ଥିକ ଦୁରବସ୍ଥା ଭିତରେ ବିତିଥିଲା। କିନ୍ତୁ ଆମ ମା' ସାଧାରଣ ଗୃହିଣୀଟିଏ ହୋଇ ମଧ୍ୟ ସେ ଥିଲେ ଖୁବ୍ ଦୂରଦର୍ଶୀ। ଝିଅମାନଙ୍କୁ ସ୍ୱାବଲମ୍ବୀ କରିବାକୁ ସେ କେବେ ବି ପଛଘୁଞ୍ଚା ଦେଇ ନାହାନ୍ତି। ତାଙ୍କରି ଆଦର୍ଶରେ ଅନୁପ୍ରାଣିତ ହୋଇ କେନ୍ଦୁଝର ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରୁ ମାଟ୍ରିକ୍ ପାସ୍ କରିବା ପରେ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟରେ ସ୍ନାତକୋତ୍ତର ଯାଏଁ ଶିକ୍ଷା ଲାଭ କରିଥିଲି। ତା'ପରେ ଜେଏନ୍‌ୟୁରୁ ଏମ୍.ଫିଲ୍ ଓ ପିଏଚ୍‌ଡି ଡିଗ୍ରୀ ଲାଭ କଲି। ସେହି ସମୟ ମଧ୍ୟରେ ଓଏଏସ୍ ୨୦୦୦ ମସିହା ବ୍ୟାଚ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଟ୍ରେନିଂ ସରିଲା ପରେ ବାରିପଦା ସଦର ତହସିଲରେ ଆଡିଶନାଲ୍ ତହସିଲଦାର ଭାବେ ଯୋଗ ଦେଇଥିଲି। ଚାକିରିର ପ୍ରଥମ ଦରମା ଯେବେ ପାଇଲି, ସାଙ୍ଗେ ସାଙ୍ଗେ ମାର୍କେଟକୁ ଯାଇ ଦୁଇଟି ସମ୍ବଲପୁରୀ ଶାଢି କିଣି ଆଣିଥିଲି। ଘରେ ପହଞ୍ଚି ଆମ ଘରର ଇଷ୍ଟ ଦେବୀ ମା' ବନଦୁର୍ଗାଙ୍କ ପାଖରେ ପ୍ରଥମେ ଭୋଗ ଲଗାଇ ସାରିବା ପରେ ଆଗେ ମା'ଙ୍କ ପାଖକୁ ଗଲି। ମା'ଙ୍କର ପାଦ ଛୁଇଁ ମୁଣ୍ଡିଆ ମାରି ସାରିବା ପରେ ତାଙ୍କ ହାତରେ ଯେତେବେଳେ ସମ୍ବଲପୁରୀ ଶାଢି ଆଉ ଦରମା ତକ ଦେଲି, ତାଙ୍କ ଆଖି ଛଳଛଳ ହୋଇଗଲା। କିନ୍ତୁ ନିଜକୁ ନିୟନ୍ତ୍ରଣ କରି ସେ କହିଲେ- ''ଏବେ ତୋ ଜୀବନର ପ୍ରକୃତ ଯାତ୍ରା ଆରମ୍ଭ ହେଲା। ଯେଉଁ କାର୍ଯ୍ୟ କରିବାର ସୁଯୋଗ ଭଗବାନ ତୋ ହାତରେ ଦେଇଛନ୍ତି, ତା'ର କେବେ ଦୁରୁପଯୋଗ କରିବୁ ନାହିଁ। ମୋ ଆଶୀର୍ବାଦ ସବୁବେଳେ ତୋ ସାଥିରେ ଅଛି। ଜୀବନର ଏ ପଥରେ ତୋତେ ସାହସ ଦେବା ପାଇଁ କାଲି ପଛରେ ଥିଲି, ଆଜି ବି ଅଛି, ଭବିଷ୍ୟତରେ ବି ରହିବି।'' ଏତିକି କହି ମା' ମୋତେ କୋଳାଗ୍ରତ କଲାବେଳେ ମୋ ଆଖିରୁ ବି ଖୁସିରେ ଦୁଇଧାର ଲୁହ ଗଡ଼ିଯାଇଥିଲା। ତା'ପରେ ଶାଢି ନେଇ ବଡ଼ ଭଉଣୀଙ୍କ ପାଖକୁ ଗଲି। ସେତେବେଳେ ସିଏ ସି.ଟି ସ୍କୁଲ୍‌ର ଶିକ୍ଷୟିତ୍ରୀ ଭାବେ ସୁଆକାଟି ଆଶ୍ରମ ସ୍କୁଲ୍‌ରେ ଶିକ୍ଷକତା କରୁଥିଲେ। କହିବାକୁ ଗଲେ ମୋ ସଫଳତା ପଛରେ ମା'ଙ୍କ ସମେତ ବଡ଼ ଭଉଣୀଙ୍କର ବି ବହୁତ ହାତ ଥିଲା। ମୁଁ ପାଠ ପଢିବା ସମୟରେ ସିଏ ତାଙ୍କର ଦରମା ଟଙ୍କାରୁ ପ୍ରତିମାସ କିଛି କିଛି ମୋ ପଢ଼ା ବାବଦେ ଖର୍ଚ୍ଚ କରୁଥିଲେ। ସେଥିପାଇଁ ଖୁସିରେ ଯେତେବେଳେ ତାଙ୍କ ହାତରେ ନେଇ ଶାଢିଟି ଦେଲି, ସିଏ ବହୁତ ଆନନ୍ଦିତ ହେଲେ ଆଉ କହିଲେ, '' ଯାହାକୁ କ୍ଷୀର ଭାତ ଖୁଆଇ ବଡ଼ କରିଥିଲି ସେ ଆଜି ରୋଜଗାରକ୍ଷମ ହୋଇପାରିଛି''। ଏହା କହି ସିଏ ମୋତେ କୁଣ୍ଢେଇ ପକେଇଲେ ଆଉ ଆମେ ଦୁହେଁ ମିଶି ହସି ହସି ପରସ୍ପରର ଖୁସିର ଲୁହକୁ ପୋଛିବାରେ ଲାଗିଗଲୁ। ସତରେ ସେଦିନର ଏହି ଘଟଣାସବୁ ମୋ ପାଇଁ ଅଭୁଲା ସ୍ମୃତି। ତେବେ ସେହି ମା' ଆଉ ଭଉଣୀର ଆଶୀର୍ବାଦ ଯୋଗୁ ଯା'ଭିତରେ ଚାକିରି କ୍ଷେତ୍ରରେ ପ୍ରମୋଶନ ପାଇ ଏବେ ମୁଁ ଗୋପବନ୍ଧୁ ଏକାଡେମୀରେ ଯୁଗ୍ମ ନିର୍ଦ୍ଦେଶିକା ଭାବେ କାର୍ଯ୍ୟରତ ଅଛି। ତା'ସହିତ ୧୦୦ରୁ ଊର୍ଦ୍ଧ୍ୱ ଗୀତ ଓ କବିତା ବି ରଚନା କରିସାରିଛି। ତନ୍ମଧ୍ୟରୁ କିଛି ଗୀତ ଆଲବମ୍ ହୋଇ ରିଲିଜ ମଧ୍ୟ ହୋଇସାରିଛି। ଏପରିକି ମୋ ଲିଖିତ ଅନେକ ଓଡ଼ିଆ ଓ ହିନ୍ଦୀ ଗୀତ ବହୁ ଖ୍ୟାତନାମା କଣ୍ଠଶିଳ୍ପୀଙ୍କ ଦ୍ୱାରା ମଞ୍ଚରେ ପରିବେଷଣ ହୋଇ ଶ୍ରୋତାଙ୍କର ହୃଦୟ ଜିଣିପାରିଛି।

-ଅସ୍ମିତା





# ବସିବା ଢଙ୍ଗ କହିବ ବ୍ୟକ୍ତିତ୍ୱ

**ଚେୟାରରେ ତ ସମସ୍ତେ ବସନ୍ତି। ହେଲେ ସମସ୍ତଙ୍କ ବସିବା ଢଙ୍ଗ ସମାନ ନ ଥାଏ। କିଏ ଗୋଡ଼ ଉପରେ ଗୋଡ଼ ରଖି ତ କିଏ ଦୁଇ ପାଦ ଛନ୍ଦି ବସନ୍ତି। ଆଉ ଏହି ବସିବାର ଭିନ୍ନତା ବି ଭିନ୍ନ ବ୍ୟକ୍ତିତ୍ୱକୁ ଦର୍ଶାଏ । ଜାଣନ୍ତୁ ସେ ସମ୍ପର୍କରେ...**



**ଦୁଇ ଆଣ୍ଠୁ ସିଧା ରଖି:** ଓହିଓ ଷ୍ଟେଟ୍ ୟୁନିଭର୍ସିଟିର ଏକ ଗବେଷଣା କହେ ଯେଉଁମାନେ ଆଣ୍ଠୁ ସିଧା ରଖି ବସନ୍ତି ସେମାନେ ବେଶ୍ ଶିକ୍ଷିତ ଓ ଭଦ୍ର। ଚାକିରି ପାଇଁ ଇଣ୍ଟରଭ୍ୟୁ ଦେବାବେଳେ ଏଭଳି ବସିଥିବା ବ୍ୟକ୍ତିଙ୍କୁ ହିଁ ଅନେକ ସମୟରେ ଯୋଗ୍ୟଭାବେ ବିବେଚନା କରାଯାଏ। ଏଭଳି ବସୁଥିବା ବ୍ୟକ୍ତିଙ୍କର ନିଜ ଉପରେ ଓ ନିଜ ଦକ୍ଷତା ଉପରେ ବହୁତ ବିଶ୍ୱାସ ଥାଏ। ତାଙ୍କ ଭିତରେ ଅସୁରକ୍ଷିତ ମନୋଭାବ ନ ଥାଏ ଓ ସେମାନେ ବେଶ୍ ବିଜ୍ଞ, ସଚୋଟ, ବିଚାରବନ୍ତ ଏବଂ ସମୟାନୁବର୍ତ୍ତୀ ହୋଇଥାନ୍ତି। ଏମାନେ କାହା ପଛରେ ଗୁଲିଗପ କରିବାକୁ ପସନ୍ଦ କରନ୍ତି ନାହିଁ। ଆଉ ନିଜର ଭାବକୁ ନିଜ ଭିତରେ ସୀମିତ ରଖିଥାନ୍ତି। ବିବାଦ ଭିତରେ ପଶିବାକୁ ପସନ୍ଦ କରନ୍ତି ନାହିଁ। ଖରାପରୁ ଅତି ଖରାପ ପରିସ୍ଥିତିରେ ବି ଶାନ୍ତ ରହିପାରନ୍ତି।

**ଦୁଇ ଆଣ୍ଠୁକୁ ପ୍ରସାରିତ କରି ବସିବା:** ଏମାନେ ସାଧାରଣତଃ ଆତ୍ମକୈନ୍ଦ୍ରିକ ଓ ଗର୍ବୀ ହୋଇଥାନ୍ତି। କିଛି ଗବେଷଣା ତ କହେ ଏଭଳି ବସୁଥିବା ବ୍ୟକ୍ତି ବ୍ୟାକୁଳ ସ୍ୱଭାବର ହୋଇଥା'ନ୍ତି। ତାଙ୍କ ମନ ପ୍ରାୟତଃ ଅସ୍ତବ୍ୟସ୍ତ ରହେ। ଏକାଗ୍ରତା ରଖିବା ତାଙ୍କ ପକ୍ଷେ କଷ୍ଟକର। ଏମାନେ ସବୁବେଳେ ନୂତନର ସନ୍ଧାନରେ ଥାଆନ୍ତି। ତେଣୁ ଗୋଟିଏ କାମକୁ ଥରକରେ ଠିକ୍‌ଭାବେ ଶେଷ କରିପାରନ୍ତି ନାହିଁ। ଏମାନେ ନିଜକୁ ବିଜ୍ଞ ଭାବନ୍ତି କିନ୍ତୁ ଅନେକ ସମୟରେ ତାଙ୍କ ଚିନ୍ତାଧାରା ଠିକ୍ ନ ଥାଏ। ତା'ସହ ଏମାନେ କିଛି ନ ଭାବି ଚିନ୍ତି ମଧ୍ୟ କଥାବାର୍ତ୍ତା କରନ୍ତି, ଯଦ୍ୱାରା ଅନ୍ୟକୁ ଖରାପ ଲାଗିଥାଏ। ଏମାନେ ବହୁତ ଶୀଘ୍ର ବୋର୍ ହୋଇଯାଆନ୍ତି। ସାଧାରଣତଃ ପୁରୁଷମାନେ ଏହିଭଳି ବସିଥାନ୍ତି। ଆଉ ଯେଉଁ ପୁରୁଷ ଏହିଭଳି ବସନ୍ତି ସେମାନେ ପିଲାଳିଆ ସ୍ୱଭାବର ହୋଇଥାନ୍ତି। ତେଣୁ ତାଙ୍କୁ ଠିକ୍ ବାଟକୁ ଆଣିବା ଲାଗି କେହି ଜଣେ ଆବଶ୍ୟକ ପଡ଼ନ୍ତି।

**ଗୋଡ଼ ଉପରେ ଗୋଡ଼:** ଗବେଷଣା କହେ ଏଭଳି ବସୁଥିବା ବ୍ୟକ୍ତି ସାଧାରଣତଃ ସୃଜନଶୀଳ ହୋଇଥାନ୍ତି। ସେମାନେ ସ୍ୱପ୍ନାଭିଳାଷୀ ଓ ଗହଳି ଭିତରେ ଥାଇ ବି ଏମାନେ ଭାବନା ରାଇଜରେ ହଜିଯାଇପାରନ୍ତି। ଏମାନେ ବଡ଼ ବ୍ୟକ୍ତିତ୍ୱର ହୋଇଥିଲେ ହେଁ କେବେବି ନିଜର ବଡ଼ିମା ଦେଖେଇ ନ ଥାନ୍ତି। ଆଉ ଯଦି କେହି ରିଲାକ୍ସ ହୋଇ ଏଭଳି ଢଙ୍ଗରେ କାହା ସାମ୍ନାରେ ବସିଛନ୍ତି ତେବେ ଏହାର ଅର୍ଥ ହେଉଛି ସେହି ବ୍ୟକ୍ତି କନ୍‌ଫିଡେଣ୍ଟ ଅଛନ୍ତି ଓ ବାର୍ତ୍ତାଳାପକୁ ଉପଭୋଗ କରୁଛନ୍ତି। ଆଉ ଯଦି ଜାକିଜୁକି ହୋଇ ଅବା ବ୍ୟାକୁଳଭାବେ ବସିଛନ୍ତି ତେବେ ସେହି ବ୍ୟକ୍ତିଙ୍କ ମନ ସେଇଠି ନ ଥାଇ ଅନ୍ୟ କେଉଁଠି ଅଛି ବୋଲି ଦର୍ଶାଏ। ଆଉ ଯଦି କଥାବାର୍ତ୍ତାବେଳେ ଏଭଳି କେହି ବସନ୍ତି ତେବେ ତାହା ବ୍ୟକ୍ତିଙ୍କ ଅନାଗ୍ରହତାକୁ ଦର୍ଶାଏ। ବିଜନେସ୍ ମିଟିଂରେ ଏଭଳି ବସିବା ଅର୍ଥ ସାମ୍ନା ବ୍ୟକ୍ତିଙ୍କ ଯୋଜନା ଭଲ ଲାଗୁନି ଅବା ମିଟିଂରେ ମନ ନାହିଁକୁ ଦର୍ଶାଏ।



**ଦୁଇ ଗୋଇଠିକୁ କ୍ରସ୍ କରି ରଖି ବସିବା:** ଜାଣନ୍ତିକି ବ୍ରିଟିଶ ରୟାଲ ଫ୍ୟାମିଲିରେ ଦୁଇ ଗୋଇଠିକୁ କ୍ରସ୍ କରି ରଖି ତଥା ଦୁଇ ପାଦକୁ କ୍ରସ୍ କରି ରଖି ବସିବା ହେଉଛି ଏକ କମନ୍ ସିଟିଂ ପୋଜିଶନ୍। ତେଣୁ ଏଭଳି ବସିବା ରାଜକୀୟ ଠାଣିକୁ ଦର୍ଶାଏ। ଏଭଳି ବସୁଥିବା ବ୍ୟକ୍ତି ଯେକୌଣସି ପରିସ୍ଥିତିକୁ ଦୃଢ଼ତାର ସହ ଓ ବେଶ୍ ଆରାମରେ ସାମ୍ନା କରିପାରନ୍ତି। କେଉଁଥିରେ ଆତଙ୍କିତ ହୁଅନ୍ତି ନାହିଁ। ଏମିତିକି ନିଜ ଆଖପାଖର ଲୋକଙ୍କ ମନରେ ବି ଏମାନେ ଆତ୍ମବିଶ୍ୱାସ ବଢାଇପାରନ୍ତି। ନିଜ ଲକ୍ଷ୍ୟ ହାସଲ କରିବା ପାଇଁ ଏମାନେ ଅବିରତ କଠିନ ପରିଶ୍ରମ କରିପାରନ୍ତି। ଏମାନେ ଭଲ ଶ୍ରୋତା ହେବାସହ ଅନ୍ୟର ଗୁପ୍ତ କଥା ନିଜ ଭିତରେ ଲୁଚେଇ ରଖିବାରେ ସକ୍ଷମ ହୋଇଥା'ନ୍ତି। ହେଲେ ନିଜର ଗୋପନ କଥାକୁ ଏମାନେ କାହାକୁ ଜଣାଇ ନ ଥାନ୍ତି। ଏମାନେ ନିଜର ଲୁକ୍ ପ୍ରତି ବି ବେଶ୍ ସଚେତନ ଥାଆନ୍ତି। ସେନା ଓ ଆଇନକାନୁନ କ୍ଷେତ୍ରରେ ଏଭଳି ବସିବା ଅସୁରକ୍ଷିତ ମନୋଭାବକୁ ଦର୍ଶାଇଥାଏ। ସାଧାରଣତଃ ଇଣ୍ଟେରୋଗେଶନ୍‌ବେଳେ ଅନେକେ ଏଭଳି ବସନ୍ତି।



**ଫୋର୍ ଲେଗ୍ ଲକ୍:** ଏହି ପୋଜିଶନ୍‌ରେ ବସିବାବେଳେ ଗୋଟିଏ ଗୋଡ଼ର ଗୋଇଠି ଆନ୍ୟ ଗୋଡ଼ର ଆଣ୍ଠୁ ଉପରେ ରହେ। ଆଉ ଏହି ପୋଜିଶନ୍ ଇଂଲିଶ ୪ ଭଳି ଲାଗେ। ଏଭଳି ବସୁଥିବା ବ୍ୟକ୍ତି ଅଧିକ ଆତ୍ମବିଶ୍ୱାସସମ୍ପନ୍ନ ଓ ଡୋମିନାଟିଂ ନେଚର୍‌ର ହୋଇଥାନ୍ତି। ଏମାନେ କ୍ୟାରିୟର ଓ ପାଠପଢାକୁ ଅଧିକ ଗୁରୁତ୍ୱ ଦିଅନ୍ତି ଓ ପ୍ରାଇଭେସିକୁ ପସନ୍ଦ କରନ୍ତି। ଏମାନେ ସବୁବେଳେ ବଡ ରୁମ୍, ବଡ ୱାର୍ଡରୋବ୍‌କୁ ନିଜ ପାଇଁ ବାଛିବା ସହ ତାକୁ ନିଜର କରିନିଅନ୍ତି। ଏମାନେ ଭଲ ପିନ୍ଧି ଭଲ ଦେଖାଯିବାକୁ ପସନ୍ଦ କରନ୍ତି। ତା'ସହ ଏମାନଙ୍କର ଯୁକ୍ତି କରିବା ଓ ପ୍ରତିଯୋଗିତା ମନୋଭାବ ବେଶ୍ ଥାଏ।

**ଜଙ୍ଘ ଉପରେ ଦୁଇ ହାତ ଯୋଡ଼ି ବସିବା:** ଏହା ବ୍ୟକ୍ତିଙ୍କ ନମ୍ର ଭାବକୁ ଦର୍ଶାଏ। ଏହି ବ୍ୟକ୍ତି ଅଧିକ ଭାବପ୍ରବଣ ହୋଇଥା'ନ୍ତି। ଆଉ ବେଶ୍ ଖୁସ୍‌ମିଜାଜ୍‌ର ବି ହୋଇଥା'ନ୍ତି।

**ଦୁଇ ଆଣ୍ଠୁ ଲଗାଲଗି କିନ୍ତୁ ଦୁଇ ପାଦରେ ବ୍ୟବଧାନ ରଖି ବସିବା:** ଏମାନେ ବହୁତ କଥାକୁହା ସ୍ୱଭାବର ଓ ବନ୍ଧୁବତ୍ସଳ ହୋଇଥାନ୍ତି।







ପ୍ରିୟଙ୍କା

**ସୂଚନା**

ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ । ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ ।

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି–୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧
ଫଟୋ ସୌଜନ୍ୟ: କମଲ ଫଟୋଗ୍ରାଫି

## ହାଃ ହାଃ

### ବୁଲେଟ୍

ପୁଅ ବାପାଙ୍କୁ: ମୋ ପାଇଁ ଗୋଟେ ବୁଲେଟ୍ କିଣିଦିଅ ।

ବାପା: ପାଠ ଶାଠ ନାହିଁ । ରୋଜଗାର ବୋଲି କିଛି ନାହିଁ ସେଇଥିରେ କହୁଛି ବୁଲେଟ୍ ଆଣିଦିଅ । ପଡିଶା ଘର ଝିଅକୁ ଦେଖ୍ ଭଲ ପାଠ ପଢି ଚାକିରି କରୁଛି । ତଥାପି ସବୁଦିନ କେମିତି ବସ୍‌ରେ ଯିବା ଆସିବା କରୁଛି । ତତେ ଟିକେ ଖରାପ ଲାଗୁନି ।

ପୁଅ: ଖରାପ ଲାଗୁଛି ବୋଲି ତ କହୁଛି ବୁଲେଟ୍ ଆଣିଦିଅ । ଆଣିଦେଲେ ସିନା ସେ ଝିଅକୁ ମୁଁ ସବୁଦିନ ଅଫିସ୍ ଛାଡି ଦିଅନ୍ତି ।

### ଆସୁନି

ପରୀକ୍ଷା ହଲ୍‌ରେ ପପୁ ଚୁପଚାପ୍ ବସିଥାଏ । ଏହା ଦେଖି ଶିକ୍ଷକ: ଚୁପଚାପ୍ କାହିଁକି ବସିଚୁ ?

ପପୁ: କିଛି ଆସୁନି ।

ଶିକ୍ଷକ: କିଛି ତ ଆସୁଥିବ ।

ପପୁ: ହଁ ।

ଶିକ୍ଷକ: କ'ଣ ?


ପପୁ: କାନ୍ଦ ।

### ଗଧ

ଥରେ ରାଜୁ ଏକ ଗଧ ଧରି ସ୍କୁଲକୁ ଚାଲି ଆସିଲା । ଏହା ଦେଖି ଶିକ୍ଷକ: ଇ ଏ କ'ଣ ଗଧଟେ ସ୍କୁଲକୁ କାହିଁକି ଆଣିଛୁ ?

ରାଜୁ: ଆପଣ ତ ସବୁବେଳେ କୁହନ୍ତି ଯେ, ଆପଣ ବଡ଼ ବଡ଼ ଗଧକୁ ମଣିଷ କରିଛନ୍ତି । ତେଣୁ ଭାବିଲି ଏଇ ଗଧ ଉପରେ ବି ଯଦି ଟିକେ କୃପା କରନ୍ତେ ଇଏ ବି ମଣିଷ ହୋଇଯାଆନ୍ତା ।









**ଅପୂର୍ବ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରା ଜାଗେଶ୍ୱର ଧାମ୍ ହେଉଛି ଉତ୍ତରାଖଣ୍ଡର ଅଲମୋଡ଼ା ଜିଲା ଅନ୍ତର୍ଗତ ଏକ ପବିତ୍ର ଆଧ୍ୟାତ୍ମିକ ପୀଠ। ଏହି ପୀଠରେ ଶ୍ରଦ୍ଧାଳୁ ଅନେକ ଛୋଟ ବଡ଼ ମନ୍ଦିର ଥିବାର ଦେଖିବାକୁ ପାଇପାରିବେ...**

# ଜାଗେଶ୍ୱର ଧାମ

ଉତ୍ତରାଖଣ୍ଡର ଅଲମୋଡ଼ା ଜିଲାଠାରୁ ପ୍ରାୟ ୩୬ କି.ମି ଦୂରରେ ରହିଛି ଏହି ଆଧ୍ୟାତ୍ମିକ ପୀଠଟି। ଏହି ପୀଠରେ ଛୋଟବଡ଼ ହୋଇ ଅନେକ ମନ୍ଦିର ଥିବାର ଦେଖିବାକୁ ମିଳିଥାଏ। ତନ୍ମଧ୍ୟରୁ ଅଧିକାଂଶ ମନ୍ଦିରରେ ଦେବ ଦେବ ମହାଦେବଙ୍କୁ ପୂଜା କରାଯାଉଥିବାବେଳେ ଅନ୍ୟ ମନ୍ଦିରମାନଙ୍କରେ ଭଗବାନ ବିଷ୍ଣୁ, ଦେବୀ ମାତା, ସୂର୍ଯ୍ୟ ଦେବତା ତଥା ଅନ୍ୟାନ୍ୟ ଦେବଦେବୀଙ୍କୁ ଉପାସନା କରାଯାଇଥାଏ। ଖାସ୍ ସେଥିପାଇଁ ବର୍ଷକ ବାରମାସ ଏଠାରେ ଶ୍ରଦ୍ଧାଳୁଙ୍କର ଗହଳି ଦେଖିବାକୁ ମିଳିଥାଏ।

### ମନ୍ଦିରକୁ ନେଇ ଲୋକକଥା

ପୁରାଣ ଶାସ୍ତ୍ର ଅନୁଯାୟୀ, ଏହି ପବିତ୍ର ସ୍ଥାନରେ କୁଆଡ଼େ ଭଗବାନ ଶିବ ଓ ସପ୍ତଋଷି ତପସ୍ୟା କରିଥିଲେ। ସେଥିପାଇଁ ଏହି ସ୍ଥାନର ମାହାତ୍ମ୍ୟ ବେଶ୍ ଉଚ୍ଚକୋଟୀର। କୁହାଯାଏ, ପ୍ରାଚୀନ କାଳରେ ଏହି ଜାଗେଶ୍ୱର ଧାମରେ ଯିଏ ଯାହା ମନୋସ୍କାମନା କରୁଥିଲେ ତାଙ୍କୁ ଠିକ୍ ସେହି ରୂପରେ ଫଳପ୍ରାପ୍ତି ହେଉଥିଲା; ଯେଉଁଥିପାଇଁ ଅନେକେ ସେହି ଆର୍ଶୀବାଦର ଦୂରପଯୋଗ କରିବାକୁ ମଧ୍ୟ ପଛାଉ ନଥିଲେ। ଖାସ୍ ସେହି କାରଣ ପାଇଁ ଆଦି ଶଙ୍କରାଚାର୍ଯ୍ୟ କୁଆଡ଼େ ଏହି ସ୍ଥାନକୁ ଆସି ଉକ୍ତ ଅଘଟଣକୁ ରୋକିବାକୁ ଏଠାରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଇଥିଲେ ବୋଲି ସୂଚନା ରହିଛି। ଆଉ ସେବେଠାରୁ ଏଠାରେ ଯେଉଁ ବ୍ୟକ୍ତି ନିଃସ୍ୱାର୍ଥପର ହୋଇ ନିଜ ମନରେ ସର୍ବମଙ୍ଗଳକାରୀ ମନୋସ୍କାମନା ରଖି ପ୍ରଭୂଙ୍କୁ ଡାକିଥାନ୍ତି କେବଳ ତାଙ୍କରି ହିଁ ଇଚ୍ଛା ପୂରଣ ହୋଇଥାଏ।

### ମନ୍ଦିରର କାରୁକାର୍ଯ୍ୟ

ନାଗରା ଶୈଳୀରେ ନିର୍ମିତ ହୋଇଥିବା ଏଠାକାର ମନ୍ଦିରଗୁଡ଼ିକର ଅପୂର୍ବ ଶୋଭା ଦେଖିବାକୁ ଅତ୍ୟନ୍ତ ମନୋରମ ହୋଇଥାଏ। ଅପୂର୍ବ ବାସ୍ତୁକଳା ପାଇଁ ପ୍ରସିଦ୍ଧି ଲାଭ କରିଥିବା ଏହି ଧାର୍ମିକ ପୀଠକୁ ଖାସ୍ କରି ଭଗବାନ ଶିବଙ୍କ ତପସ୍ଥଳୀ ବୋଲି କୁହାଯାଇଥାଏ।

### ପୂଜାବିଧି


ଏହି ପବିତ୍ର ଧାମରେ ପ୍ରତିଦିନ ବେଶ୍ ନିଷ୍ଠାର ସହ ପ୍ରଭୂଙ୍କର ପୂଜାର୍ଚ୍ଚନା କରାଯାଇଥାଏ। ତା'ଛଡ଼ା ଯଦି କୌଣସି ଶ୍ରଦ୍ଧାଳୁ ଏଠାରେ ରୁଦ୍ରାଭିଷେକ ପୂଜା କିମ୍ବା ମହା ମୃତ୍ୟୁଞ୍ଜୟ ପୂଜା ଅଥବା କାଳସର୍ପ ପୂଜା, ନବଗ୍ରହ ପୂଜା, ମହାଲକ୍ଷ୍ମୀ ପୂଜା ତଥା ରାହୁ ପୂଜା ଆଦି କରିବାକୁ ଇଚ୍ଛା ରଖିଥାନ୍ତି, ତା'ହେଲେ ଉକ୍ତ ପୂଜାଗୁଡ଼ିକୁ ମଧ୍ୟ ଏଠାରେ ମହାଆଡମ୍ବର ସହକାରେ ପାଳନ କରାଯାଇଥାଏ।

### ଟ୍ରେକିଂ ସହ ଯୋଗ ବି କରିବେ


ଆକର୍ଷଣୀୟ ପ୍ରାକୃତିକ ପରିବେଶରେ ଭରା ଜାଗେଶ୍ୱର ଧାମକୁ ବୁଲି ଯାଉଥିବା ଶ୍ରଦ୍ଧାଳୁ ଚାହିଁଲେ ଏଠାରେ ଟ୍ରେକିଂର ମଜା ମଧ୍ୟ ନେଇପାରିବେ। ସେହିପରି ଏଠାକାର ପାହାଡ, ଜଙ୍ଗଲ ପରିବେଶଦ୍ୱାରା ଆକର୍ଷିତ ହୋଇ ଅନେକ ସମୟରେ ଜାତିଜାତିକା ପକ୍ଷୀ ବି ଏଠାକୁ ଉଡ଼ି ଆସିଥାନ୍ତି; ଶ୍ରଦ୍ଧାଳୁମାନେ ଉକ୍ତ ପକ୍ଷୀଙ୍କୁ ଦେଖିବାର ସୁଯୋଗ ମଧ୍ୟ ଲଭି ପାରିବେ। ତା'ଛଡ଼ା ଏଠାକାର ଶାନ୍ତ ପରିବେଶରେ ଯୋଗ ଓ ପ୍ରାଣାୟମ କରି ନିଆରା ଅନୁଭୂତି ବି ସାଉଁଟି ପାରିବେ। ମୁଖ୍ୟକଥା ହେଉଛି ଏଠାରେ ଯୋଗ ଓ ପ୍ରାଣାୟମ ପାଇଁ ସ୍ୱତନ୍ତ୍ର ତାଲିମ ଦେବାର ସୁବିଧା ରହିଛି।

### କେମିତି ଯିବେ

ଉତ୍ତରାଖଣ୍ଡର ସାଂସ୍କୃତିକ ରାଜଧାନୀ ଭାବେ ପରିଚିତ ଅଲମୋଡ଼ା ନିକଟରେ ଥିବା ଏହି ଜାଗେଶ୍ୱର ଧାମକୁ କାଠଗୋଦାମ ତଥା ଡେରାଡୁନ୍ ଦେଇ ଯାଇହେବ। ପ୍ରଥମେ ରେଳମାର୍ଗ ଦେଇ କାଠଗୋଦାମରେ ପହଁଞ୍ଚି ସେଠାରୁ ଟାଉନ୍ ବସ୍ ହେଉ ଅବା ଟ୍ୟାକ୍ସି ଦ୍ୱାରା ଆରାମରେ ଯାଇ ଜାଗେଶ୍ୱର ଧାମରେ ପହଁଞ୍ଚିହେବ। ଅନ୍ୟପକ୍ଷେ ଡେରାଡୁନ୍ ଦେଇ ଗଲେ ରେଳ ତଥା ବସ୍‌ର ସୁବିଧା ମଧ୍ୟ ରହିଛି।









# ଗୋଟିଏ ଗଛରେ ୩୨,୦୦୦ ଟମାଟୋ

ଫ୍ଲୋରିଡାସ୍ଥ ୱାଲ୍ଟ ଡିଜନୀ ୱାର୍ଲଡ ରିସର୍ଟର ଏକ୍ସପେରିମେଣ୍ଟାଲ ଗ୍ରୀନ୍ ହାଉସ୍‌ରେ ଅଛି ଏକ ବିରାଟକାୟ ଟମାଟୋ ଗଛ। ଏହା ଏକ ବରଗଛ ପରି ଦେଖିବାକୁ। ହେଲେ ଏଥିରେ ଖୁନ୍ଦି ହୋଇ ଲାଲ୍ ଲାଲ୍ ଟମାଟୋ ଫଳିଥାଏ। ଏଥିରେ ଏତେ ଟମାଟୋ ହୁଏ ଯେ, ଗିନିଜ୍ ୱାର୍ଲଡ ରେକର୍ଡସରେ ଗୋଟିଏ ଗଛରେ ସବୁଠାରୁ ଅଧିକ ଟମାଟୋ ଫଳିବାର ରେକର୍ଡ ଏହାର ନାମରେ ରହିଛି। ଗୋଟିଏ ବର୍ଷରେ ଏଥିରେ ସର୍ବାଧିକ ୩୨,୧୯୪ଟି ଟମାଟୋ ହୋଇ ଉକ୍ତ ରେକର୍ଡ ହାସଲ ହୋଇଥିଲା। ଏହି ଟମାଟୋର ସର୍ବମୋଟ ଓଜନ ୫୨୨ କି.ଗ୍ରା. ଥିଲା। ଉକ୍ତ ଟମାଟୋ ଗଛଟି ଭଲରେ ବଢ଼ିବା ଲାଗି ଏକ ସ୍ୱତନ୍ତ୍ର ଗ୍ରୀନ୍ ହାଉସ୍ ତିଆରି କରାଯାଇଥିଲା। ଏହି ଗଛ ତା'ର ବିରାଟ ଆକାରରେ ପହଞ୍ଚିବା ଲାଗି ୧.୨-୧.୫ ବର୍ଷ ସମୟ ଲାଗିଥାଏ। ୭-୮ ମାସ ପର୍ଯ୍ୟନ୍ତ ଏଥିରେ ଟମାଟୋ ଫଳି ନ ଥାଏ। ପ୍ରାପ୍ତ ବୟସରେ ପହଞ୍ଚିଲେ ଯାଇ ସେଥିରେ ଫଳ ଧରେ। ବହୁ ପର୍ଯ୍ୟଟକ ଏହି ଟମାଟୋ ଗଛକୁ ଦେଖିବାକୁ ଆସନ୍ତି।

## କାର୍ଟୁନ କର୍ନର



# ମଉସାଙ୍କ ମରିବା ଖୁସିରେ...

କଥା ଚାଟ୍



ଶ୍ରୀମାନ୍ ସର୍ବଗିଳା



**ଘ**ନ ମଉସାଙ୍କ ମରଣ ଖବର ଶୁଣି ମନ ମୋର ବିଷିପିତା ହୋଇଗଲା । ଆହା, ଏତେ ସୁନ୍ଦର ଲୋକ...ଏଡ଼େ ବେଗି ଚାଲିଗଲେ ! ଭାରି ପରୋପକାରୀ ଲୋକ ଥିଲେ । ସବୁଠୁ ବଡ଼ଗୁଣ ହେଲା, ମା' – ମାଟି –ମାତୃଭାଷାକୁ ଭାରି ଭଲପାଉଥିଲେ । ଏଇ ସବୁର ସନମାନ ପାଇଁ ପ୍ରାଣପଣେ କାମ କରୁଥିଲେ । ଚାଷକୁ ବେଉସାକରି ପରିବାର ପୋଷୁଥିଲେ । ଭୋକିଲା ମୁହଁରେ ଆହାର, ବିନା ମୂଲ୍ୟରେ ସାନପିଲାଙ୍କୁ ଓଡ଼ିଆରେ ପଢ଼େଇବା ଜାରି ରଖିଥିଲେ । ନିଜର ଏକମାତ୍ର ପୁଅକୁ ଓଡ଼ିଆ ସରକାରୀ ସ୍କୁଲରେ ଶିକ୍ଷକ କରେଇପାରିଥିବାରୁ ନିଜକୁ ଧନ୍ୟ ମାନୁଥିଲେ । କିନ୍ତୁ ପିଲାଏ ତାଙ୍କଠୁ ଓଡ଼ିଆ ଶିଖି ପାଠ ପଢ଼ିବାକୁ ପ୍ରାଇଭେଟ ଇଂଲିଶ ସ୍କୁଲରେ ଭିଡ଼ହେବା ଦେଖି... ମା'ବାପାଙ୍କ ଆଗ୍ରହ ଅନୁଧ୍ୟାନକରି ଦୁଃଖରେ ଛାତି ଫଟାଉଥିଲେ । ସରକାର ଏଣେ ଯେତେ ମାଗଣା ମଧ୍ୟାହ୍ନଭୋଜନ, ମାଗଣା ପୁସ୍ତକ ବଣ୍ଟନ, ପୋଷାକ ବିତରଣ କରି ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କଲେ ବି, ଓଡ଼ିଆ ସରକାରୀ ବିଦ୍ୟାଳୟରେ ଉପସ୍ଥାନ କମି, ଇଂଲିଶ ମାଧ୍ୟମ ସ୍କୁଲରେ ଲମ୍ବା ଲାଇନ୍ ଲାଗୁଥିଲା ।

ତାଙ୍କ ଛାତିରେ ଯନ୍ତ୍ରଣା ସେଇଦିନଠୁ ବେଶି ବଢିଲା... ଯେବେ ନିଜପୁଅ ଶାମ, ନିଜେ ଓଡ଼ିଆ ସରକାରୀ ସ୍କୁଲରେ ଶିକ୍ଷକ ଥାଇ ବି ତା' ପୁଅମାନେ ନିଜ ନାତିକୁ କୋଡ଼ିଏ କିଲୋମିଟର ଦୂର ପ୍ରାଇଭେଟ ଇଂଲିଶ ବିଦ୍ୟାଳୟରେ ଚାଳିଶ ହଜାର ଖରଚ କରି ନାଁ ଲେଖେଇଲା । ମଉସା ପ୍ରତିବାଦ କଲାରୁ ଶାମବାବୁ ବାପା ଉପରେ ଖପାହୋଇ ଗାଳିଦେଇ କହିଲେ... ସେ ମାନ୍ଧାତା ଅମଳ କଥା ଛାଡ଼ । ମୋ ପିଲାକୁ ମାଗଣାଖିଆ ମାଗନ୍ତା ସ୍କୁଲରେ ପଢ଼େଇବିନି କି ମୋ ପ୍ରେଷ୍ଟିଜ ଲିକ କରିବିନି । ପାଠଶାଳା ଏବେ ଭୋଜନଶାଳା ହୋଇ ଶିକ୍ଷାର ଓଜନ କମିଲାଣି । ସେଇଠି ପଢ଼େଇ ତା' ଭବିଷ୍ୟତ ମାଟି କରିବିନି । ମଉସା ଭାବୁଥିଲେ କି ଯୁଗ ହେଲାରେ ! ଯେମିତି ସରକାରୀ ଡାକ୍ତର ଅନେକ ତାଙ୍କ ପିଲା ପାରିବାର ଚିକିତ୍ସା ପାଇଁ ପ୍ରାଇଭେଟ ନର୍ସିଂ ହୋମକୁ ବେଶି ପସନ୍ଦ କଲାପରି ଆମ ଶିକ୍ଷା ଶିକ୍ଷକମାନଙ୍କ ଅବସ୍ଥା । ଧନ୍ୟ ଧନ୍ୟରେ ବ୍ୟବସ୍ଥା ! ନିଜେ ପଢାଉଥିବା ଅନୁଷ୍ଠାନର ଶିକ୍ଷାକୁ ନେଇ ନିଜେ ସନ୍ଦିହାନ !

ହଁ ବା ନ ହବ କେମିତି ? ଯେଉଁଠି ଆଜିକାଲିର ପିଲାଏ ଜନମକଲା ମା, ମମତା ଭରା ମାଟିକି ପିଠିକରି ବାହାରେ ଖଟିବାକୁ ଧାଉଁଛନ୍ତି ବା ବାଧ୍ୟ ହେଉଛନ୍ତି, ସେଇଠି ମାତୃଭାଷା ପ୍ରୀତି ବଢ଼ନ୍ତା କେମିତି ? ଦେଶ ଠୁ ବିଦେଶ... ମାତୃଭାଷା ଠୁ ବିଦେଶୀ ଭାଷା ମୋହମାୟା ଜାଲରେ ପଡ଼ିବା... ସୁନ୍ଦର ଫେଶନ ହୋଇଗଲାଣି । ମା'କୁ ଛାଡି ମାଉସୀ ପ୍ରୀତି... ଆଣ୍ଟିଙ୍କ ସ୍ତୁତିରେ ଆକର୍ଷଣ ବଢ଼ିଲାଣି । ହେଲେ ଘନ ମଉସାଙ୍କ ଅଦେଖା ଯନ୍ତ୍ରଣା... ଅନ୍ୟଙ୍କୁ ଅଜଣା ।

ଗଲା ଦଶହରା ଛୁଟିରେ ମଉସା ଦେଖାହୋଇ ତାଙ୍କ ବେଦନାକୁ ବଖାଣିଥିଲେ ।.... ଜାଣିଛ ପୁଅ ! ତେମେ ସିନା କବି-ଲେଖକ... ସରସ୍ଵତୀଙ୍କ ଉପାସକ । କିନ୍ତୁ ମା' ଥରେ ମତେ ସ୍ୱପନେଇଲେ । କହିଲେ ଘନରେ ! ତୁ ରୋଦନ କଲେ କ'ଣ ହେବ ? ବେଳ କାଳ ଯାହା ହେଲାଣି.. ମାତୃଭାଷା ତଳକୁ ତଳକୁ ଯିବ । ଖାଣ୍ଟି ଓଡ଼ିଆ ବିଦ୍ୟାଳୟ ମରି ବିଦେଶିଆ ଢାଞ୍ଚାରେ ପାଠପଢ଼ା ହେବ । ସରଗରେ ଥାଇ ବର୍ଣ୍ଣବୋଧ ଲେଖକ ମଧୁଙ୍କ ଆଖିରୁ ଲୁହଧାର ବହିବ । ମୁଁ ପଚାରିଲି ମା ' କି ଉପାୟ କଲେ ମୋ ଭାଷା ବଞ୍ଚିବ... ମାତୃଭାଷା ବିଦ୍ୟାଳୟର ଉନ୍ନତି ହେବ ? ସେ କହିଲେ, ଯଦି ଛୋଟ ବଡ଼ ସବୁ ସରକାରୀ କର୍ମଚାରୀ ତାଙ୍କ ପିଲାଙ୍କୁ ଓଡ଼ିଆ ସରକାରୀ ବିଦ୍ୟାଳୟରେ ପଢ଼େଇବାକୁ କଡ଼ା ଆଇନ ହୋଇ ବାଧ୍ୟ କରାଯିବ..., ସେଇଦିନ ପାଠପଢ଼ାର ଓଜନ ଓ ଉପସ୍ଥାନ ବଢ଼ିବ । ଯେବେ ମାଗଣା ମଧ୍ୟାହ୍ନଭୋଜନ ପାଇଁ ଏତେ ଦରଦ... ତେବେ ଅଲଗା କ୍ୟାଣ୍ଟିନ ଖୋଲିଦଉନ । ଯଦି ଏମିତି ନ କରିବେ... ତେବେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା... ଶାସ୍ତ୍ର ଭିତରେ ପୋତିହୋଇ କାଳ କାଳକୁ ରହିଯିବ ।

ଘନ ମଉସାଙ୍କ ଶବ ପାଖରେ ମୁଁ ଠିଆହୋଇ ସେଦିନ କଥା ଭାବୁଥିଲି... ତାଙ୍କ ମା' ମାଟି ମାତୃଭାଷା ପ୍ରୀତି କଥା ମନେପକେଇ ଲୁହ ଢାଳୁଥିଲି । ତାଙ୍କ ମରଣ ବିଷୟରେ ଯାହା ଶୁଣିଲି, ଭାରି ମନକଷ୍ଟ କରୁଥିଲି । ଗଲାକାଲି ରାତିରେ କୋଉ ଧନୀ ସାହୁ ସହରୀ ପୁଅ ବରବେଶ ସାଜି ଆମ ଗାଁ ଗାନ୍ତୁ ଝିଅକୁ ବାହାହେବାକୁ ବିରାଟ ପ୍ରସେସନରେ ହୃଦୟ ଫଟା କାନ ଫଟା କମ୍ପମାନ ଶବ୍ଦଯୁକ୍ତ ଡିଜେ ବାଜା ବଜେଇ ବିଜେକଲେ । ସେଇ ଶବ୍ଦ ଶୁଣି ମଉସା ଯନ୍ତ୍ରଣାରେ ଛାଟିପିଟି ହୋଇ ବିକଳରେ ଛାତିକି ଦି' ହାତରେ ଘଷୁ ଘଷୁ ଟଳି ପଡିଲେ । ଏ କଥା ଗାଁ ଯୁବକମାନଙ୍କ କାନକୁ ଗଲାପରେ, ସେଇ ଡିଜେ ବାଜାବାଲାଙ୍କୁ ଅଟକେଇ ରଖିଥିଲେ... ଏଇଥିପାଇଁ ଯେ ଘନ ମଉସାପରି ମହତଜନଙ୍କ ଶବ ସସନମାନେ ଶ୍ମଶାନକୁ ଯିବ ବୋଲି । ଖାଲି ଅପେକ୍ଷା କରିଥିଲେ ମଉସାଙ୍କ ପୁଅ ଶାମବାବୁ କେତେବେଳେ ହାତଖୋଲି ମାଲ ଛାଡ଼ିବେ । ମାଲ ବାହୀ ମାଲ ପିଇ ମଡ଼ା ଉଠେଇ ମଶାଣି କି ନେବେ । ତୁଣ୍ଡଖୋଲି କହିସାରିଛନ୍ତି... ଟଙ୍କା ପାଞ୍ଚ ହଜାରରୁ କମ ହେଲେ ମଡ଼ା ଉଠିପାରିବନି ।

ସେଇଆ ହେଲା । ସକାଳ ସୂର୍ଯ୍ୟର ଆଦ୍ୟ କିରଣରେ ଗାଁ ସେମୁଣ୍ଡରୁ ବର କନିଆଙ୍କ ଗାଡ଼ି ଶଙ୍ଖ ହୁଳହୁଳି ଧ୍ୱନିରେ ଗାଡି ସହରକୁ ଗଡ଼ିଲାବେଳେ, ଏମୁଣ୍ଡରୁ ମଉସାଙ୍କ ଶବ କାନ୍ଦ ବୋବାଳି ଶବଦରେ ଡିଜେ ବାଜାର ତାଳେ ତାଳେ ଟୋକାଏ ବୋତଲ ଭାଙ୍ଗିବି ଗୋରୀ ତୋ ଦୁଆରେ ଗୀତର ଛନ୍ଦରେ ଛ' ଖଣ୍ଡି ବାଉଁଶ ରଥରେ ଜୁଇକୁ ମୁହାଁଉଥିଲା । ମୁଁ ନୀରବରେ ଭାବୁଥିଲି.. ଯା ହଉ ଏବେ ବି ମଣିଷପଣିଆ ବଞ୍ଚିଛି... ଡିଜେ ବାଜା ଆଉ ବୋତଲ ପାଣିରେ । ସେ ମଉସା ହୁଅନ୍ତୁ କି ଭାଷା... ଆମକୁ ଉପହାସ କରି କହୁଛି... ସମାଜ କେମିତି ଧ୍ୱଂସ ଆଡକୁ ଦ୍ରୁତ ଅଗ୍ରସର ହେଉଛି । ପଚାରିଲେ ଉତ୍ତର ମିଳୁଛି...ଏ ଗୋଟେ ଖୁସି.. ଆ.. ଉ.... ।।


– ମଙ୍ଗରାଜପୁର, ପୁରୀ
ମୋ: ୭୦୦୮୧୮୮୮୪୭

## ପୁସ୍ତକ ସମୀକ୍ଷା

### ଶହେ ତେଇଶ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପ ଏକ ତାତ୍ତ୍ୱିକ ବିଶ୍ଲେଷଣ ୧୮୯୮–୨୦୨୧

ଲେଖିକା–ଡକ୍ଟର କବିତା ବାରିକ, ପ୍ରକାଶକ –ବିଦ୍ୟାପୁରୀ, କଟକ
ମୂଲ୍ୟ– ୪୮୦ ଟଙ୍କା


'**ଶ**ହେ ତେଇଶ ବର୍ଷର ଆଧୁନିକ ଓଡ଼ିଆ କ୍ଷୁଦ୍ର ଗଳ୍ପ ଏକ ତାତ୍ତ୍ୱିକ ବିଶ୍ଲେଷଣ' ପୁସ୍ତକର ଆଲୋଚିକା ଡକ୍ଟର କବିତା ବାରିକ। ଉକ୍ତ ପୁସ୍ତକଟିରେ ଓଡ଼ିଆ ସାହିତ୍ୟର ଆଧୁନିକ ଓ ବିଶିଷ୍ଟ ଗାଳ୍ପିକଙ୍କର କୃତୀ କିର୍ତ୍ତୀ ବିଷୟରେ ଆଲୋଚନା କରାଯାଇଛି। ଆଧୁନିକ ଓଡ଼ିଆ ଗଳ୍ପ ବିଶ୍ୱ ଦରବାରରେ ନିଜ ଆସନ ସୁଦୃଢ କରିବାରେ ସକ୍ଷମ ହୋଇପାରିଛି। ଏ ଭିତରେ ମଧ୍ୟ ବହୁ ନୂତନ ସମ୍ଭାବନାପୂର୍ଣ୍ଣ ସ୍ରଷ୍ଟାଙ୍କର ଆବିର୍ଭାବ ଘଟିଛି। ସେମାନେ ସେମାନଙ୍କର ଜୀବନର ଅନୁଭୂତି ଓ ନୂତନ ଦୃଷ୍ଟିକୋଣ ନେଇ ବହୁ ପ୍ରୟୋଗବାଦୀ ସଫଳ ଗଳ୍ପ ସୃଷ୍ଟି କରିବାରେ ସମର୍ଥ ହୋଇଛନ୍ତି । ଆଙ୍ଗିକ ଓ ଆତ୍ମିକ ଉଭୟ ଦୃଷ୍ଟିରୁ ଗଳ୍ପ ସାହିତ୍ୟରେ ତୁମୁଳ ପରିବର୍ତ୍ତନ ହୋଇଛି। ଯାହା ଓଡ଼ିଆ ସାହିତ୍ୟ ଲାଗି ଶୁଭଙ୍କର। ପୁସ୍ତକଟିରେ ଲେଖିକା ପୁରାତନ ଓ ନୂତନ ଲେଖକଙ୍କୁ ଚମତ୍କାର ଭାବେ ସଜାଇ ଉପସ୍ଥାପନ କରିଛନ୍ତି । ପୁସ୍ତକଟି ପାଠକଙ୍କୁ ବାନ୍ଧି ରଖିବ ବୋଲି ଆଶା।




### ପ୍ରିୟତମା

କବି–ଡକ୍ଟର ନାରାୟଣ ବାରିକ୍
ପ୍ରକାଶକ–ଆଇ କେୟାର ପବ୍ଲିସର, ଭୁବନେଶ୍ୱର,ମୂଲ୍ୟ–୧୫୦ଟଙ୍କା

'ପ୍ରିୟତମା' ଡକ୍ଟର ନାରାୟଣ ବାରିକ୍ଙ୍କ କବିତା ସଂକଳନ । ଏଥିରେ ୪୬ଟି କବିତା ପ୍ରିୟତମାଙ୍କ ଉପରେ ପ୍ରକାଶ ପାଇଛି। ସୌନ୍ଦର୍ଯ୍ୟରେ ନ ଥାଏ ଆକାର ପ୍ରକାର ଓ ଅସୀମତା କିମ୍ବା ସସୀମତା। ପ୍ରାଣରେ ଅନୁଭବ ହୁଏ ଆଭାସର ଉଦ୍‌ବେଳନ। ସେ ଦୃଶ୍ୟରେ ହେଉ କି ସ୍ପର୍ଶରେ ହେଉ କଳ୍ପନାରେ ହେଉ କି ରୂପାୟନରେ ହେଉ, ତାହା କେବଳ ନିମିତ୍ତ ମାତ୍ର। ପ୍ରଥମ ସ୍ଫୁରଣ ହିଁ ପ୍ରାପ୍ତିର ଚରମତାକୁ କଳି ବସେ। ନଦୀ, ବନ, ପାହାଡ, ପର୍ବତ, ଆକାଶ ଓ ପୃଥିବୀର ମୋହାଚ୍ଛନ୍ନ ସୀମାନ୍ତକୁ ସେ ପୁଣି ଅତିକ୍ରମ କରେ। ଯାହାକୁ କବିପ୍ରାଣ ପ୍ରିୟତମାରେ ଖୋଜି ଚାଲିଛନ୍ତି। ସବୁ ପରେ ବି ପ୍ରିୟତମାଙ୍କୁ ଭେଟିବାର ଉଦଗ୍ର କାମନା କବିଙ୍କୁ କରିଛି ବିହ୍ୱଳିତ। ପ୍ରିୟତମାଙ୍କ ପାଇଁ ଜୀବନର ସବୁ ନିନ୍ଦା ଓ ପ୍ରଶଂସାକୁ ଭ୍ରୂକ୍ଷେପ ନ କରି କବିଙ୍କ ଜୀବନ ଯାତ୍ରା ଅନାହତ ଓ ଅବିଚ୍ଛିନ୍ନ। ପୁସ୍ତକର ପାଠକାଦୃତି ଅବଧାରିତ।



### ଲଘୁକଥା ସପ୍ତତି

ଲେଖକ–ଡକ୍ଟର କମ୍ବୁପାଣି ସାମନ୍ତ
ପ୍ରକାଶକ– ବିଶ୍ୱ ମୁକ୍ତି ପବ୍ଲିକେଶନ, ଭୁବନେଶ୍ୱର
ମୂଲ୍ୟ– ୧୦୦ଟଙ୍କା

ଡକ୍ଟର କମ୍ବୁପାଣି ସାମନ୍ତଙ୍କ ପୁସ୍ତକ 'ଲଘୁକଥା ସପ୍ତତି' । ଏଥିରେ ୭୦ଟି ଲଘୁକଥା ସଂକଳିତ ହୋଇଛି। ଲୋକ ଜୀବନରୁ ଶିଷ୍ଟ ସମାଜ ପର୍ଯ୍ୟନ୍ତ ସବୁଠି ଲଘୁକଥାର ଆଦର ରହିଛି। ଦୃଷ୍ଟାନ୍ତ ମୂଳକ, ଉପଦେଶମୂଳକ ଓ ମନୋରଞ୍ଜନଧର୍ମୀ ଆଦି ତତ୍ତ୍ୱକୁ ଘେନି ବହୁବିଧ ଲଘୁକଥାର ପ୍ରଚଳନ ରହିଛି। ମୌଖିକ ପରମ୍ପରା ଭିତରୁ ଏଗୁଡିକର ସଂଗ୍ରହ ଲେଖକଙ୍କର ଏକ ଅଭିନବ ପ୍ରୟାସ। କଥାଗୁଡିକରୁ ଲଘୁ ଆମୋଦକୁ ଅନୁଭବ କରୁ କରୁ ମାନସିକ ଦ୍ୱନ୍ଦ୍ୱରୁ ମୁକୁଳି ଆସିବା ପାଇଁ ବାଟ ଦିଶିଯାଏ। ମଣିଷର ଅବେଳରେ ଚିନ୍ତା–ମୁକ୍ତିର ସୋପାନ ହେବା ପାଇଁ ଲଘୁକଥାର ବିକଳ୍ପ ନାହିଁ। ବେଳେ ବେଳେ ଗଭୀର ଜୀବନ ଦର୍ଶନକୁ ଲଘୁ କଥା ଭିତରେ ପାଇବାକୁ ହେବ। ତେଣୁ ଏ ପୁସ୍ତକଟି ତା'ର ଏକ ଉଦାହରଣ । ପୁସ୍ତକଟି ଯେ ସୁଖପାଠ୍ୟ ହେବ ଏଥିରେ ଦ୍ୱିମତ ନାହିଁ ।




# ପଥର ଦେଉଛି ଅଣ୍ଡା

ଏଇ ପୃଥିବୀ ସତରେ ଏମିତି ସବୁ ବିସ୍ମୟରେ ଭରି ରହିଛି, ଯାହାକୁ ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିହେବନି। ଯେମିତି କି ଚାଇନାର ଗିଝୋଉ ପ୍ରାନ୍ତରେ ଥିବା ଏକ ବିରାଟ ପଥର। କିଛି ପ୍ରାଣୀ ଓ ପକ୍ଷୀ ଅଣ୍ଡା ଦେଉଥିବା କଥା ସମସ୍ତେ ଜାଣନ୍ତି। ହେଲେ ଜାଣି ଆଶ୍ଚର୍ଯ୍ୟ ହେବେ ଚାଇନାର ଏହି ନିର୍ଜୀବ ପଥର ବି ଅଣ୍ଡା ଦେଉଛି। ତେବେ ପ୍ରତି ୩୦ ବର୍ଷରେ ଥରେ ଉକ୍ତ ରହସ୍ୟମୟ ବିରାଟକାୟ ପଥର ଅଣ୍ଡା ଦେଇଥାଏ। ଏହା ଶୁଣି ବିଶ୍ୱାସ ହେଉ ନ ଥିବ, ହେଲେ ଏହା ସତ। ପ୍ରାୟ ୨୦ ମିଟର ଲମ୍ୱ ଓ ୨୬ ମିଟର ଉଚ୍ଚତାବିଶିଷ୍ଟ ଏଇ ପଥରର ନାମ ହେଉଛି 'ଚନ ଦନ ୟା', ଯାହାର ଅର୍ଥ ହେଉଛି ଅଣ୍ଡା ଦେଉଥିବା ପଥର। କଳାରଙ୍ଗର ଏହି ପଥରର ବିଭିନ୍ନ ସ୍ଥାନରେ ଅଣ୍ଡାକୃତିର କିଛି ଖୋଦେଇ ହେଲାପରି ଥାଏ। ଏହି ଅଣ୍ଡାକୃତିଗୁଡିକ ପଥର ଭିତରେ ଲାଗି ରହିଥାଏ। ୩୦ ବର୍ଷ ଲାଗେ ତାହା ପଥର ଭିତରୁ ଧୀରେ ଧୀରେ ବାହାରକୁ ଆସିବା ପାଇଁ। ଆଉ ୩୦ ବର୍ଷ ହୋଇଗଲା ପରେ କଳାରଙ୍ଗର ସେହି ଅଣ୍ଡାକୃତିର ପଥର ରହସ୍ୟମୟ ପାହାଡ଼ରୂପୀ ପଥରରୁ ବାହାରି ତଳେ ପଡ଼ିଯାଏ। ଏଠାକାର ଗ୍ରାମବାସୀ ଏହି ମସୃଣ କଳାରଙ୍ଗର ପଥର ଅଣ୍ଡାକୁ ଖୁସିର ପ୍ରତୀକ ଭାବେ ଗ୍ରହଣ କରନ୍ତି। ଆଉ ତଳେ ପଡିଯିବା ପରେ ତାକୁ ଘରକୁ ନେଇଯାନ୍ତି। ଭୂତତ୍ତ୍ୱବିତ୍‌ଙ୍କ ମତରେ ଏହି ବିରାଟକାୟ ପଥରଟି ୫୦୦ ମିଲିୟନ ବର୍ଷ ପୂର୍ବେ ମାଉଣ୍ଟ ଗାଣ୍ଡେଙ୍ଗ୍‌ର ଏକ ଖାସ୍ ଅଂଶରୁ ତିଆରି ହୋଇଛି। ଏତେ ବର୍ଷ ଧରି ଏହି ପଥର ବିଭିନ୍ନ ପ୍ରକାରର ତାପମାତ୍ରା ସହି ଆସିଛି। ଫଳରେ ଏହାର ଆଭ୍ୟନ୍ତରୀଣ ଗଠନରେ ଅନେକ ପରିବର୍ତ୍ତନ ଆସିଛି। ଆଉ ଏହି କାରଣରୁ ହିଁ ଏହା ମଧ୍ୟରୁ ବିଭିନ୍ନ ପ୍ରକାରର ଆକୃତି ତିଆରି ହେଉଛି।





ବ୍ୟାକ୍ ପେଜ୍





# ରହସ୍ୟମୟ ସ୍ମାରକ



ଆୟର୍ଲାଣ୍ଡର କାଉଣ୍ଟି ମଥ୍‌ରେ ଅଛି ଏକ ରହସ୍ୟମୟ ସ୍ମାରକ। ଏହା ଏକ ପ୍ରାଗ୍‌ଐତିହାସିକ ସ୍ମାରକ ଅଟେ, ଯାହାକି ବାୟରନ ନଦୀର ଉତ୍ତରରେ ଡ୍ରୋଘେଡାଠାରୁ ୮ କି.ମି. ଦୂର ପଶ୍ଚିମରେ ରହିଛି। ଏହା ସାରା ପୃଥିବୀରେ ନ୍ୟୁଗ୍ରେଞ୍ଜ ନାମରେ ପରିଚିତ। ଖ୍ରୀ.ପୂ. ୩୨୦୦ ନବପାଷାଣ ଯୁଗରେ ଏହାକୁ ତିଆରି କରାଯାଇଥିବା ବିଶ୍ୱାସ କରାଯାଏ। ଏହା ବିଶ୍ୱପ୍ରସିଦ୍ଧ ଷ୍ଟୋନହେଞ୍ଜ ଓ ମିଶରର ପୀରାମିଡ୍‌ଠାରୁ ବି ପୁରୁଣା ବୋଲି କୁହାଯାଏ। ଏହା ଷ୍ଟୋନହେଞ୍ଜଠାରୁ ୫୦୦ ବର୍ଷ ପୁରୁଣା। ଏହି ସ୍ମାରକଟି ଏକ ଗୋଲାକାର ସମାଧି ପୀଠ ଅଟେ। ଏଥିରେ ପଥରର ଏକ ରାସ୍ତା ଓ କିଛି କୋଠରି ଅଛି। ଏହି କୋଠରିରେ ମାନବ ଅସ୍ଥି ବ୍ୟତୀତ କବରର ଅନେକ ସାମଗ୍ରୀ ମିଳିଛି। ଖନନ ବେଳେ ଏଠାରେ ଅର୍ଦ୍ଧଦଗ୍ଧ ଓ ଦଗ୍ଧ ମାନବ ଅସ୍ଥି ମିଳିଥିଲା। ଏଇଥିରୁ ଜଣାଯାଏ ଯେ, ଏହା ମଧ୍ୟରେ ମଣିଷ ଶବ ରଖାଯାଉଥିଲା। ତାହା ମଧ୍ୟରୁ କିଛିର ଅନ୍ତିମ ସଂସ୍କାର ବି କରାଯାଇଥିଲା। କେତେକ ପୁରାତତ୍ତ୍ୱବିତ୍ କୁହନ୍ତି, ଏହି ସ୍ମାରକର କୌଣସି ନା କୌଣସି ପ୍ରକାରର ଧାର୍ମିକ ମହତ୍ତ୍ୱ ଥିଲା। ବୋଧହୁଏ ଏଠାରେ କୌଣସି ପୂଜା କରାଯାଉଥିଲା। ତେବେ ପ୍ରକୃତରେ ଏହି ସ୍ଥାନର ବ୍ୟବହାର କେଉଁଥିପାଇଁ ହେଉଥିଲା ଓ କିଏ ଏହାକୁ ନିର୍ମାଣ କରାଇଥିଲେ ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ତଥ୍ୟ ମିଳିନାହିଁ। ଏହି ସ୍ମାରକ ଭିତରେ ୧୯ ମିଟର ଲମ୍ୱର ଏକ ମାର୍ଗ ଅଛି, ଯାହା କେବଳ ଶୀତଋତୁରେ ସୂର୍ଯ୍ୟୋଦୟ ସମୟରେ ଆଲୋକିତ ହୋଇଥାଏ। ଏହା କେମିତି ଓ କାହିଁକି ହୁଏ ତାହା ବି ଏକ ରହସ୍ୟ ହୋଇ ରହିଛି।

# ଓଲଟା ଯାଉଛି ଟ୍ରେନ୍



ଯାତାୟାତର ଏକ ବଡ଼ ମାଧ୍ୟମ ହେଉଛି ଟ୍ରେନ୍। ଯେକୌଣସି ଦେଶ ହେଉନା କାହିଁକି ରେଳ ଧାରଣା ଉପରେ ଚାଲୁଥିବା ଏହି ଟ୍ରେନ୍ ସବୁଠି ଏକ ଶସ୍ତା ଓ ସୁଗମ ଯାତାୟାତର ମାଧ୍ୟମ ଭାବେ ପରିଚିତ। ଆଜିକାଲି ବିଭିନ୍ନ ବିଶେଷତ୍ୱ ଥିବା ଟ୍ରେନ୍ ଚାଲୁଛି। କାହାର ସ୍ପିଡ୍ ଅଧିକ ତ କେଉଁ ଟ୍ରେନ୍ ପାହାଡ଼ିଆ ଅଞ୍ଚଳରେ ଯାଏ। କେଉଁ ଟ୍ରେନ୍ ହୋଇଥାଏ ବହୁତ ଲକ୍‌ଜୁରିୟସ୍। ତେବେ ଜାଣନ୍ତିକି ଏମିତି ବି ଏକ ଟ୍ରେନ୍ ଅଛି, ଯାହା ତା'ର ଟ୍ରାକ୍ ଉପରେ ନ ଯାଇ, ଯାଇଥାଏ ରେଳଧାରଣାର ତଳଭାଗରେ ଝୁଲନ୍ତା ଅବସ୍ଥାରେ। ଆଉ ଏଇ ଅଜବ ଟ୍ରେନ୍ ଜର୍ମାନୀରେ ଦେଖିବାକୁ ମିଳେ। ଏଥିରେ ଯାତ୍ରା କରିବାର ମଜା ଅଲଗା। ଏହାକୁ ଦେଖିଲେ ମନରେ ଆସେ ଏଇ ଝୁଲନ୍ତା ଟ୍ରେନ୍ ଖସି ପଡ଼ିବନି ତ! ହେଲେ ଏଥିରେ ଯାତ୍ରା କରିବା ଯେତିକି ନିରାପଦ ସେତିକି ମଜାଦାର ମଧ୍ୟ। ସେଇଥିପାଇଁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକ ଆସନ୍ତି ଏହି ଓଲ୍ଟା ପୋଲ୍ଟା ଟ୍ରେନ୍‌ରେ ବସି ଭିନ୍ନ ଏକ ଅନୁଭବ ସାଉଁଟିବା ପାଇଁ। ଜର୍ମାନୀର ଏହି ଟ୍ରାକ୍ ଓ ଟ୍ରେନ୍ ତିଆରି ହେବାର ୧୨୧ ବର୍ଷ ହୋଇଗଲାଣି। ଉକ୍ତ ଟ୍ରେନ୍ ୧୯୦୧ରେ ଆରମ୍ଭ ହୋଇଥିଲା। ତେବେ ଏଭଳି ରେଳପଥ ନିର୍ମାଣ କରିବା ପଛର କାରଣ ହେଉଛି, ଏହି ଟ୍ରେନ୍‌ର ରୁଟ୍ ଆରମ୍ଭ ହେବା ପୂର୍ବରୁ ହିଁ ସହର ବହୁତ ଡେଭେଲପ୍ ହୋଇସାରିଥିଲା। ତେଣୁ ଟ୍ରାକ୍ କରିବା ଲାଗି ସ୍ଥାନ ନ ଥିଲା। ଶେଷରେ ରେଳ ଟ୍ରାକ୍ ଭୂମିରେ ନ କରି ବ୍ରିଜ୍ ପରି ନର୍ମାଣ କରି ଝୁଲନ୍ତା ଅବସ୍ଥାରେ ଟ୍ରେନ୍ ଯିବାର ଯୋଜନା କରାଗଲା। ୧୩.୩ କିମିର ଉକ୍ତ ଟ୍ରେନ୍ ରୁଟ୍‌ରେ ଟ୍ରେନ୍‌ଟି ଝୁଲନ୍ତା ଅବସ୍ଥାରେ ନଦୀ, ଝରଣା, ରାସ୍ତା ଆଦି ଅତିକ୍ରମ କରି ଯାଇଥାଏ। ଆଉ ପର୍ଯ୍ୟଟକ ଏହାର ବେଶ୍ ମଜା ଉଠାଇଥାନ୍ତି।